Odia Daily

www.theutkalsamachar.com

ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

କେନ୍ଦ୍ରମନ୍ତ୍ରୀଙ୍କ ସହ ଆଇସିଏଚଆର, ଓଡ଼ିଶାର ଇତିହାସ ଗବେଷକ ଓ ନ୍ୟାସନାଲ ବୁକ୍ ଟ୍ରଷ୍ଟ ମଧ୍ୟରେ ବୈଠକ

ଶହୀଦ ବୀର ଛବିଳ ସାଏଙ୍କ ସମେତ ଇତିହାସ ପୃଷ୍ଠାରେ ଅନାଲୋଚିତ ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ହେବ ଗବେଷଣା :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୧ : ଦେଶକୁ ସ୍ୱତନ୍ତ୍ରତା ଦେବାରେ ଶହୀଦ ବୀର ଛବିଳ ସାଏଙ୍କ ସମେତ ପଶ୍ଚିମ ଓଡ଼ିଶାର ବୀର ସଂଗ୍ରାମୀ ମାନଙ୍କର ଭୂମିକା ଏବଂ ସେମାନଙ୍କ ବଳିଷ୍ଠ ଯୋଗଦାନ ଉପରେ ଗବେଷଣା କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭାରତୀୟ ଇତିହାସ ଗବେଷଣା ପରିଷଦ(ଆଇସିଏଚଆର), ଓଡ଼ିଶାର ଇତିହାସ ଗବେଷକଗଣ ଏବଂ ନ୍ୟାସନାଲ ବୁକ ଟ୍ରଷ୍ଟ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଓଡ଼ିଶାର ବିଶିଷ୍ଟ ଇତିହାସ ଗବେଷକ ହରିହର ପଣ୍ଡା, ଦୀପକ ପଣ୍ଡା, ଚଣ୍ଡୀ ପ୍ରସାଦ ନନ୍ଦ, ବିଭୂଦନ୍ନ ମିଶ୍ରଙ୍କ ସମେତ ଆଇସିଏଚଆର ଓ ନ୍ୟାସନାଲ ବୁକ ଟ୍ରଷ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଆଲୋଚନା କାଳରେ ପଶ୍ଚିମ ଓଡ଼ିଶାର ସଂଗ୍ରାମୀ ମାନଙ୍କ ଅବଦାନକୁ ଗବେଷଣା କରିବା ସହ ପୁର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ଉପରେ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶଙ୍କ ଗୁଳିରେ ଶହୀଦ ହୋଇଥିବା ତୁଙ୍ଗବୀର ଛବିଳ ସାଏ ଏବଂ ତାଙ୍କର ୫୭ ଜଣ ସଂଗ୍ରାମୀମାନଙ୍କ ବଳିଦାନ ଉପରେ ଗବେଷଣା ତଥା ଅଧ୍ୟୟନ କରିବା ସହ ଔପଚାରିକ ଭାବେ ଏହାକୁ ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ପ୍ରକାଶନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି କୁଦୋପାଲି ବ୍ୟତୀତ ଏହି ମହାନ ସଂଗ୍ରାମରେ ରକ୍ତରଞ୍ଜିତ ହୋଇଥିବା ଅନ୍ୟାନ୍ୟ ସ୍ଥାନ ଯଥା ରଇଣ୍ଡା, କୁଲୁଣ୍ଡା, ଗଡପାଟି, ଝରଘାଟି, ସିଂଘୋଡା, ଚିତାଖାଇ ଆଦିକୁ ମଧ୍ୟ ଏହି ଗବେଷଣାରେ ସାମିଲ୍ କରି ଏହି ସ୍ଥାନ ଗୁଡିକର ନେତୃତ୍ୱ ନେଇଥିବା ସଂଗ୍ରାମୀଙ୍କ ଅବଦାନ ଉପରେ ତଥ୍ୟ ଯୋଗାଡ କରିବା ପାଇଁ ଶ୍ରୀ ପ୍ରଧାନ କହିଥିଲେ । ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମର ଅନେକ ଅକୁହା କଥା ଓ ଗାଥା ଅଛି । ଇତିହାସ ପୃଷ୍ଠାରେ ଅନାଲୋଚିତ ଅଜଣା ନାୟକ ମାନଙ୍କୁ ଖୋଜି ସେମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ପରିଚିତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କରିଛନ୍ତି । ଅନାଲୋଚିତ ସଂଗ୍ରାମୀଙ୍କ ବୀରଗାଥାକୁ ଲୋକଲୋଚନକୁ ଆଣିବା ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି । ଏହି କ୍ରମରେ ଶ୍ରୀ ପ୍ରଧାନ ବୈଠକ ପରେ ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ସଂଗ୍ରାମରେ ବୀର ଛବିଳ ସାଏ ଏବଂ ଶହୀଦ ହୋଇଥିବା ତାଙ୍କର ଅନ୍ୟ ୫୭ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଉପରେ ଅଧ୍ୟୟନ କରିବା ପାଇଁ ଏକ 'ଗବେଷଣା ପ୍ରକଳ୍ପ'(ଜରତ୍ମରବକ୍ସମଷ ଚକ୍ସକ୍ଟହରମଣ୍ଡ) ଆରମ୍ଭ କରିବା ପାଇଁ ଆଇସିଏଚଆରର ଚେୟାରମ୍ୟାନ ପ୍ରଫେସର ରଘୁବେନ୍ଦ୍ର ତନଓ୍ୱାରଙ୍କୁ ପତ୍ର ଲେଖି ଜଣାଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ କେନ୍ଦ୍ର ସମ୍ବଲପୁରରେ ବ୍ରିଟିଶ ଶାସନ ବିରୋଧୀ ଲଢେଇର ସମୃଦ୍ଧ ଇତିହାସ ରହିଛି । ଏହି ଅଂଚଳର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀମାନଙ୍କ ଠାରୁ ଆରମ୍ଭ କରି ଅନେକ ସଂଗ୍ରାମୀ ୧୮୫୭ ବିଦ୍ରୋହରେ ବୀରତ୍ୱର ସହ ଲଢ଼ିବା ସହ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଦେଶକୁ ସ୍ୱାଧୀନତା ଦେବା ପାଇଁ ବଳିଦାନ ଦେଇଥିଲେ । ସମ୍ବଲପୁର ଅଂଚଳରେ ସୁରେନ୍ଦ୍ର ସାଏଙ୍କ ୧୮୨୭ରୁ ୧୮୪୦ ଏବଂ ୧୮୫୭ରୁ ୧୮୬୨ ପର୍ଯ୍ୟନ୍ତ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଓଡ଼ିଶାର ପ୍ରତିରୋଧ ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ଯେତେବେଳେ ୧୮୪୯ ମସିହାରେ ସମ୍ବଲପୁରକୁ ଇଂରେଜମାନେ 'ଡକ୍ଟ୍ରିନ ଅଫ୍ ଲାପସ୍' ଅଧୀନରେ ଅକ୍ତିଆର କରିଥିଲେ ସେତେବେଳେ ବୀର ସୁରେନ୍ଦ୍ର ସାଏ ବ୍ରିଟିଶ ସରକାରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ । ୧୮୫୭ ମସିହାରେ ସମ୍ବଲପୁରର ବିଦ୍ରୋହ ମୁଖ୍ୟତଃ ଏକ ଜନଜାତି ବିଦ୍ରୋହ ଥିଲା ଯେଉଁଥିରେ ଘେଁସ, କୋଲାବିରା, , ପାହାଡ଼ଶ୍ରୀଗିଡ଼ା, ମଟିଦା, କୁଡ଼ାବଗା, ଲାଇଡା, ଲୋଇସିଂହା, ଲଖନପୁର, ଭେଡେନ, ପାଟକୁଲୁଣ୍ଡା ଆଦି ଜମିଦାର ଏବଂ ତାଙ୍କ ପରିବାର ସୁରେନ୍ଦ୍ର ସାଏଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିଲେ । ଏହି ସମର୍ଥକମାନେ ୧୮୫୭ରୁ ୧୮୬୨ ପର୍ଯ୍ୟନ୍ତ ଗରିଲା ଯୁଦ୍ଧ ମାଧ୍ୟମରେ ଇଂରେଜମାନଙ୍କ ସହ ଲଢ଼େଇ କରିଥିଲେ । ସେମାନେ ଏହି ଅଂଚଳର ଜନଜାତି ଓ ଜମିଦାରମାନଙ୍କୁ ଏକାଠି କରିଥିଲେ ଏବଂ ଗରିଲା ଯୁଦ୍ଧ କୌଶଳ ବ୍ୟବହାର କରି ବ୍ରିଟିଶ ସେନା ବିରୋଧରେ ଲଢ଼େଇ କରିଥିଲେ ।

ଦୃଷ୍ଟି ୧୦ ଷ୍ଟାର୍ ଲାଇନର୍:

ସ୍ୱଦେଶୀ ଡ୍ରୋନ୍ ଲଚ୍ କଲେ ନୌସେନା ମୁଖ୍ୟ

ହାଇଦରାବାଦ, ୧୦/୧ : ଆଦାନୀ ଡିଫେନ୍ସ ଆଣ୍ଡ୍ଏରୋସ୍ପେସ୍ ଦ୍ୱାରା ନିର୍ମିତ ଦୃଷ୍ଟି ୧୦ ଷ୍ଟାର୍ ଲାଟ୍ର ଡ୍ରୋନ୍ ବୁଧବାର ଲଚ୍ ହୋଇଛି । ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ୍ ଆର. ହରି କୁମାର ହାଇଦ୍ରାବାଦରେ ଏହାକୁ ଲଚ୍ କରିଛନ୍ତି । ଏହି ଅବସରରେ ନୌସେନା ମୁଖ୍ୟ କହିଛନ୍ତି, ଏହା ଭାରତୀୟ ନୌସେନାର କ୍ଷମତା ବୃଦ୍ଧି କରିବ । ସେ ଆହୁରି କହିଛନ୍ତି, ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ନୌସେନା ୟୁଏଭିର ବ୍ୟବହାର କରୁଛି । ଦୃଷ୍ଟି ୧୦ ପରି ଡ୍ରୋନର ସ୍ୱଦେଶୀକରଣ ଆମକୁ ଏହି କ୍ଷମତାଗୁଡ଼ିକୁ ସ୍ୱଦେଶୀ ଭାବରେ ହାସଲ କରିବାରେ ସାହାଯ୍ୟ କରିବ ।କମ୍ପାନୀ କହିଛି ଯେ, ଏହା ହେଉଛି ସମସ୍ତ ପ୍ରକାର ପାଣିପାଗରେ କାର୍ଯ୍ୟ କରୁଥିବା ଏକମାତ୍ର ସାମରିକ ପ୍ଲାଟଫର୍ମ, ଯାହା ଦୁଇଟି ଏୟାରଫିଲ୍ଡରେ ଉଡିପାରିବ । ନୌସେନାର ସାମୁଦ୍ରିକ ଅଭିଯାନରେ ସାମିଲ ହେବା ପାଇଁ ୟୁଏଭି ହାଇଦ୍ରାବାଦରୁ ପୋରବନ୍ଦର ଅଭିମୁଖେ ଯାତ୍ରା କରିବ ।

ରଷ ପରେ ଅଶୋଧିତ ତୈଳ ଉପରୁ ମୂଲ୍ୟ ହ୍ରାସ କରିବାକୁ ଘୋଷଣା କଲା ସାଉଦି ଆରବ



ନୂଆଦିଲ୍ଲୀ, ୧୦/୧ : ଆସନ୍ତା ମାସରୁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ କରିବାକୁ ସାଉଦି ଆରବ ଘୋଷଣା କରିଛି । ସାଉଦିର ବୃହତମ ତୈଳ କମ୍ପାନୀ ଆରାମକୋ କହିଛି ଯେ ଏସିଆରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୨ ଡଲାରକୁ ହ୍ରାସ କରିବ । ୨୭ ମାସ ମଧ୍ୟରେ ପ୍ରଥମ ଥର ପାଇଁ ସାଉଦି ଆରବ ଅଶୋଧିତ ତୈଳର ମୂଲ୍ୟକୁ ଏତେ ହ୍ରାସ କରିଛି । ଏହାପୂର୍ବରୁ ଡିସେମ୍ବର ୨୦୨୩ରେ ଆରାମକୋ ବ୍ୟାରେଲ ପିଛା ୧.୫ ଡଲାର ହ୍ରାସ କରିବାକୁ ଘୋଷଣା କରିଥିଲା । ସାଉଦି ଆରବର ଏହି ପଦକ୍ଷେପ ଭାରତ ସମେତ ସମସ୍ତ ଏସୀୟ ଦେଶ ପାଇଁ ଲାଭଦାୟକ ହେବ । ସାଉଦି ପାଇଁ ଏସିଆ ଏକ ବଡ଼ ବଜାର । ଚୀନ୍ ଏବଂ ଭାରତ ହେଉଛି ଦୁଇ ଦେଶ ଯିଏ ସାଉଦିରୁ ସର୍ବାଧିକ ତେଲ କିଣୁଛନ୍ତି । ବାସ୍ତବରେ, ୟୁକ୍ରେନ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ୍ୟ ଦେଶମାନେ ଋଷର ଅଶୋଧିତ ତୈଳ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏହି କାରଣରୁ ଦେଶମାନେ ଋଷରୁ ତେଲ କିଣିବା ବନ୍ଦ କରିଦେଇଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଋଷ ଭାରତ ଏବଂ ଚୀନକୁ ରିହାତି ମୂଲ୍ୟରେ ଅଶୋଧିତ ତୈଳ ପ୍ରଦାନ କରିଥିଲା । ଯୁଦ୍ଧ ପୂର୍ବରୁ ଭାରତ ରୁଷରୁ ମୋଟ ତେଲର ମାତ୍ର ୧ ପ୍ରତିଶତ କ୍ରୟ କରୁଥିଲା । କିନ୍ତୁ ଶସ୍ତା ଅଫର ପାଇବା ପରେ ଭାରତ ତୁରନ୍ତ ଋଷରୁ ତୈଳ କିଣିବା ଆରମ୍ଭ କଲା । ଆଜି ଭାରତ ଋଷରୁ ସର୍ବାଧିକ ତୈଳ କିଣୁଥିବା ଦେଶ ହୋଇପାରିଛି । ସାଉଦି ଆରବରୁ ଭାରତ କିଣୁଥିବା ତେଲ ବର୍ତ୍ତମାନ ଋଷରୁ କିଣୁଛି । ଏଥି ସହିତ ଚୀନ୍ ରୁଷରୁ ବହୁ ପରିମାଣରେ ତେଲ ଆମଦାନୀ କରିବା ଆରମ୍ଭ କରିଛି । ଏଭଳି ସ୍ଥିତି ଦେଖି ସାଉଦି ଆରବ ତୈଳ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି । ଯାହାଫଳରେ ଭାରତ ଏବଂ ଚୀନ୍ ସାଉଦି ଆରବରୁ ମଧ୍ୟ ତେଲ କିଣନ୍ତୁ ବୋଲି ଆରାମକୋ ଆଶା କରିଛି । ଯଦି ଭାରତ ପୁଣି ସାଉଦି ଆରବରୁ ତେଲ କିଣିବା ଆରମ୍ଭ କରେ, ତେବେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଏଠାରେ ହ୍ରାସ ପାଇପାରେ ବୋଲି ଆଶା କରାଯାଉଛି । ବର୍ତ୍ତମାନ, ଅଶୋଧିତ ତୈଳ ବ୍ୟାରେଲ ପିଛା ୭୭.୧୩ ଡଲାର ଥିବାବେଳେ ଯଦି ଭାରତୀୟ ତୈଳ କମ୍ପାନୀଗୁଡିକ ସାଉଦି ଆରବରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରନ୍ତି, ତେବେ ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ ହେବାର ସମ୍ଭାବନା ବଢିପାରେ ।

ଶ୍ରୀଜଗନ୍ନାଥ ବସର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ପୁରୀ, ୧୦/୧ (ନି/ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପୁରୀ ଗଡ଼ିବ ସ୍ୱତନ୍ତ୍ର ବସ୍ । ଶ୍ରୀଜଗନ୍ନାଥ ବସରେ ପୁରୀ ଆସିବେ ଶ୍ରଦ୍ଧାଳୁ । ୬୦ଟି ବସରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ପୁରୀକୁ ଆସିବେ । ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ବସର ଶୁଭାରମ୍ଭ କରିବେ । ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ମହାପାତ୍ର ।ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀମାର୍ଗ, ଜଗନ୍ନାଥ ବଲ୍ଲଭ ପାର୍କିଂ, ଶ୍ରୀସେତୁ ସହିତ ଯଜ୍ଞସ୍ଥଳୀ ଆଦିର ସମୀକ୍ଷା କରାଯାଇଥିଲା । ଏଥି ସହ ସେବାୟତଙ୍କ କଲ୍ୟାଣ ପାଇଁ ଛାତ୍ରବୃତ୍ତି, ବର୍ଷକୁ ଦୁଇ ଥର କାଉନସ୍ଲେର ନିଯୁକ୍ତି, ସ୍ୱାସ୍ଥ୍ୟ ବୀମା ଦୁଇ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

ନରେନ୍ଦ୍ର ମୋଦୀ ଭାରତ ଇତିହାସରେ ଜଣେ ସଫଳ ପ୍ରଧାନମନ୍ତ୍ରୀ: ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ, ୧୦/୧: 'ଭାରତକୁ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଇବା ପାଇଁ ଆମେ ନିରନ୍ତର ବିନିଯୋଗ କରୁଛୁ । ବିଶ୍ୱରେ ଏପରି କୌଣସି ସମ୍ମିଳନୀ ନାହିଁ ଯାହା 'ଭାଇବ୍ରାଂଟ ଗୁଜରାଟ'ର ସମକକ୍ଷ ହୋଇପାରିବ । ଗତ ୨୦ ବର୍ଷରୁ ଏହି ସମ୍ମିଳନୀ ସଫଳତାପୂର୍ବକ ଜାରି ରହିଛି' ବୋଲି ଭାଇବ୍ରାଂଟ ଗୁଜରାଟ୍ ଗ୍ଲୋବାଲ ସମିଟ୍ ୨୦୨୪ରେ କହିଥିଲେ ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ଼ର ଚେୟାରମ୍ୟାନ ତଥା ଗଉ ମୁକେଶ ଅମ୍ବାନୀ । ଭାଇବ୍ରାଂଟ ଗୁଜରାଟ୍ ଗ୍ଲୋବାଲ ସମିଟ୍ ୨୦୨୪ରେ ଯୋଗ ଦେଇ ଅମ୍ବାନୀ କହିଥିଲେ,'ମୁଁ ଗେଟ୍ୱେ ଅଫ୍ ଇଣ୍ଡିଆ ସହରରୁ ଆସିଛି ଏବଂ ବର୍ତ୍ତମାନ ଏହା ଗେଟ୍ୱେ ଅଫ୍ ମଡ଼ର୍ଣ୍ଣ ଇଣ୍ଡିଆ ପାଲଟି ଯାଇଛି । ମୁଁ ଗୁଜରାଟୀ ହୋଇଥିବାରୁ ଗର୍ବ ଅନୁଭବ କରୁଛି । ବିଦେଶୀମାନେ ଯେତେବେଳେ ବି ନୂତନ ଭାରତ ବିଷୟରେ ଭାବିଥାନ୍ତି ସେତେବେଳେ ପ୍ରଥମେ ନ୍ୟୁ ଗୁଜରାଟର କଥା ମନକୁ ଆସିଥାଏ । ଏହି ପରିବର୍ତ୍ତନ କିପରି ସମ୍ଭବ ହେଲା ? ଏହା କେବଳ ସମ୍ଭବ ହୋଇପାରିଛି ଆମ ଲିଡରଙ୍କ ପାଇଁ ଯିଏ ଆଜି ବିଶ୍ୱର ମହାନ ନେତାଙ୍କ ତାଲିକାରେ ସାମିଲ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିହାସର ସବୁଠାରୁ ସଫଳ ପ୍ରଧାନମନ୍ତ୍ରୀ । ଲୋକମାନେ କେବଳ ମୋଦୀଙ୍କୁ ଶୁଣନ୍ତି ନାହିଁ ବରଂ ଫଲୋ ବି କରନ୍ତି । ଅସମ୍ଭବକୁ ବି ସମ୍ଭବ କରିବାର ଦୂରଦୃଷ୍ଟି ରଖିଥାନ୍ତି ପ୍ରଧାନମନ୍ତ୍ରୀ ।' ସେ ଆହୁରୀ ମଧ୍ୟ କହିଛନ୍ତି ଯେ ଆମର ପ୍ରତ୍ୟେକ ବ୍ୟବସାୟ ୭ କୋଟି ଗୁଜରାଟବାସୀଙ୍କ ସ୍ୱପ୍ନ ପୂରା କରିବ । ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଦେଶରେ ୧୨ ଲକ୍ଷ କୋଟିର ନିବେଶ କରିଛି ଏବଂ ଏହାର ଏକ ତୃତୀୟାଂଶ ଅର୍ଥାତ ୪ ଲକ୍ଷ କୋଟି କେବଳ ଗୁଜରାଟରେ ନିବେଶ ହୋଇଛି । ଭବିଷ୍ୟତରେ ମଧ୍ୟ ଗୁଜରାଟର ବିକାଶ ପାଇଁ ରିଲାୟନ୍ସ ପ୍ରମୁଖ ଭୂମିକା ତୁଲାଇବ । ସବୁଜ ବିକାଶ କ୍ଷେତ୍ରରେ ଗୁଜରାଟକୁ ବିଶ୍ୱର ଗ୍ଲୋବାଲ ଲିଡର ଭାବରେ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରହିବ ।

ଓଡ଼ିଶାରେ ପ୍ରଥମ: ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204, Sec-16,Rourkela

Mob:9692048008

email-utkalsamachar@gmail.com

ଏସସିବିରେ ସଫଳ ହେଲା ରକ୍ତ କର୍କଟ ରୋଗୀଙ୍କ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ

କଟକ, ୧୦/୧ (ନି/ପ୍ର) : କଟକ ବଡ ମେଡିକାଲରେ ବିରଳ ପ୍ରତିରୋପଣ ହୋଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ହାପଲୋ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଛି । ବଡ ମେଡିକାଲରେ ରକ୍ତ କର୍କଟ ବିଭାଗରେ ରକ୍ତ କର୍କଟରେ ଆକ୍ରାନ୍ତ ଥିବା ଖୋର୍ଦ୍ଧା ଜିଲାର ଶୁଭ୍ରାଂଶୁଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଛି । ଘରୋଇ ହସ୍ପିଟାଲରେ ଏଥିପାଇଁ ୪୦ରୁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏସସିବିରେ ମାତ୍ର ୪ଲକ୍ଷ ଟଙ୍କାରେ ଏହା ସମ୍ଭବ ହୋଇପାରିଛି । ଉନ୍ନତ ଚିକିତ୍ସା କ୍ଷେତ୍ରରେ ଏସସିବିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି । ଏପରି ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହୋଇଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଲାଗି ନିଶ୍ଚିତ ଏକ ବଡ ସଫଳତା ଆଣି ଦେଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରାଯାଇଥିଲା । ଯେଉଁମାନଙ୍କ

ମୁଣ୍ଡ ଉପରେ ଥିଲା ଲକ୍ଷେ ଟଙ୍କାର ପୁରସ୍କାର

ମାଲକାନଗିରି, ୧୦/୧ (ନି/ପ୍ର): ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ବୁଧବାର ୧ ଲକ୍ଷ ଇନାମୀ ଥିବା ଜଣେ ମହିଳା ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି। ଏ ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତିଶ୍ ବାଧ୍ୱାନୀ ଦେଇଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେବାଡା ଜିଲ୍ଲା କଟକଲ୍ୟାଣ ଥାନା ପିତାଦାବ ଗ୍ରାମ ନିବାସୀ ଉର୍ଗି ମାଡବି ଓରଫ ରୋସନି ୨୦୧୬ରେ ମାଲକାନଗିରି ଜିଲ୍ଲା ସିପିଆଇ ମାଓବାଦୀ ସଂଗଠନରେ ଯୋଗ ଦେଇଥିଲେ । ଉକ୍ତ ମାଓ ସଂଗଠନ ବନ୍ଦ ହେଲା ପରେ ଛତିଶଗଡ଼ର ଦଣ୍ଡକାରଣ୍ୟ ସ୍ପେସାଲ ଜୋନାଲ କମିଟିର ପାର୍ଟି ସଦସ୍ୟ ଭାବେ ଯୋଗ ଦେଇଥିଲେ । ତେବେ ବର୍ତ୍ତମାନ ମାଲକାନଗିରି ଜିଲ୍ଲା ସୀମାନ୍ତ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ ନିକଟସ୍ଥ ମହୁପଦର, ଟେମୁରୁପାଲ୍ଲୀ, କର୍ତନପାଲ୍ଲୀ, ତୁଳସୀଠାରେ ବିଏସଏଫ କ୍ୟାମ୍ପ ଅନୁଷ୍ଠିତ ହେବା ପରେ ବହୁ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ଏଥିସହ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଦ୍ୱାରା ବର୍ତ୍ତମାନ ବହୁ ସ୍ଥାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବା ସହ ମାଓବାଦ ମାନେ ଆତ୍ମ ସମର୍ପଣ କଲେ ସେମାନଙ୍କୁ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଅନ୍ୟପକ୍ଷରେ ବରିଷ୍ଠ ମାଓବାଦୀମାନଙ୍କ ପୂର୍ବ ଆଦର୍ଶ ବର୍ତ୍ତମାନ ନାହିଁ । ଯାହାଫଳରେ ବହୁ ମାଓବାଦୀ ଆତ୍ମ ସମର୍ପଣ କରି ସାରିଲେଣି ଏବଂ ଅନ୍ୟ କେତେଜଣ ବରିଷ୍ଠ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିବାକୁ ସୁଯୋଗ ଖୋଜୁଛନ୍ତି । ତେଣୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଓ ସାଧାରଣ ଜୀବନ ଯାପନ କରିବା ପାଇଁ ସେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି । ଓଡ଼ିଶା

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone/Fax: (06767) 255016)
Email: utkalsamachar@gmail.com, Mob: 9437086122

ସାମ୍ବାଦିକ ମାନେ ସରକାରି ସୂଚନା ନ ପାଇବାରୁ ରାଜ୍ୟପାଳଙ୍କୁ ଅଭିଯୋଗ

ଅନୁଗୁଳ,୧୦/୧(ନି/ପ୍ର):ବିଡମ୍ବନା ଦେଖନ୍ତୁ। ଯେଉଁ ସରକାରୀ ଅଧିକାରି ର କାମ ହେଲା ସାମ୍ବାଦିକଙ୍କୁ ବିଭିନ୍ନ ଖବର ଦେବ ଯାହାକୁ ସାମ୍ବାଦିକ ବା ଖବରଦାତା ମାନେ ସେମାନଙ୍କ ଗଣମାଧ୍ୟମ ଜରିଆରେ ପ୍ରକାଶ ଓ ପରିବେଷଣ କରିବେ, ସେହି ଅଧିକାରି ବିଲକୁଲ ଖବର ସମ୍ବନ୍ଧିୟ କୌଣସି ତଥ୍ୟ ଅନୁଗୁଳ ର ସାମ୍ବାଦିକଙ୍କୁ ଦେଉ ନାହାନ୍ତି। ଆମେ କହିରଖୁଛୁ ଯେ ସେହି ଅଧିକାରୀ ଯିଏ କି ଅନୁଗୁଳ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ପରିଚିତ ତାଙ୍କ ଚାକିରିର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଖବର ସମ୍ବନ୍ଧିୟ ତଥ୍ୟ ସାମ୍ବାଦିକଙ୍କୁ ଦେବା ଯେଉଁଥିପାଇଁ ସେହି ଅଧିକାରୀ ମୋଟା ଅଙ୍କର ଦରମା ପାଉଛନ୍ତି। କିନ୍ତୁ ଅନୁଗୁଳ ରେ ଚାଲିଛି ଓଲଟା। ଅଧିକାରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମନା କରିଛନ୍ତି, ତେଣୁ ଦିଆ ଯିବ ନାହିଁ ଭଳି ଉତ୍ତର ଦେଉଛନ୍ତି। ତେଣୁ ଅନୁଗୁଳ ର କାର୍ଯ୍ୟରତ ସାମ୍ବାଦିକଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଲକୁଲ ସୂଚନା ପ୍ରଦାନ କରାଯାଉନଥିବା, ସାମ୍ବାଦିକଙ୍କୁ ଅଣଦେଖା କରିବା ଅଭିଯୋଗ ସହ ଅନୁଗୁଳ ପ୍ରେସ ଚାମ୍ବର ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶରେ ଦାବି ପତ୍ର ପ୍ରଦାନ କଲା ସଂଘ। ଏହା ପୂର୍ବରୁ ସଂଘର କର୍ମକର୍ତା ମାନେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ପରେ ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସୂଚନା ପାଇବା ନେଇ ଯଦି କିଛି ଯୋଗ୍ୟତା ବା ସର୍ତ୍ତାବଳୀ ଅଛି ତେବେ ଜଣାଇଲେ ତାହା ପୂରଣ କରାଯିବ ବୋଲି କୁହାଯାଇଛି।ଦାବି ପୂରଣ ନହେଲେ ଆଗାମୀ ଦିନରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ଆନ୍ଦୋଳନକୁ ଓଲ୍ହାଇପାରେ ସଂଘ ବୋଲି ଚେତାବନୀ ଦେଇଛି ।

ଶିକ୍ଷାନୁଷ୍ଠାନ ସିଟିଜି ର ତେଇଶିତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ

କେନ୍ଦୁଝର,୧୦/୧(ନି/ପ୍ର): କେନ୍ଦୁଝର ପରିସରରେ ଚେୟାରମ୍ୟାନ ଡକ୍ଟର ରାଜେନ୍ଦ୍ର ପଲେଇ ଙ୍କ ଅଧ୍ୟକ୍ଷତା ରେ ପାଳିତ ହୋଇଯାଇଛି,କେନ୍ଦୁଝର ପୌରାଧ୍ୟକ୍ଷ ନିକୁ ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଶତାବ୍ଦୀ ନିର୍ଦ୍ଦେଶକ ସଂଗ୍ରାମ ଦାସ, ରୋଟାରୀ ଡିସଟ୍ରିକ୍ଟ ଗଭର୍ଣ୍ଣର ୨୦୨୫-୨୬ ମନୋଜ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ, ଇଂଟରଭିଉ ଟାଇମ୍ସ ର ପ୍ରତିଷ୍ଠାତା ଦିବ୍ୟ ଜ୍ୟୋତି ସାହୁ ଙ୍କୁ ସିଟିଜି

ପ୍ରତିଭା ସମ୍ମାନ,ଦିବ୍ୟ ରଞ୍ଜନ ଦ୍ୱିବେଦୀ ଙ୍କୁ ସିଟିଜି ରତ୍ନ ସମ୍ମାନ ରେ ସମ୍ମାନିତ କରାଯାଇଥିଲା, କଲେଜ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଶଶିକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ, ଛାତ୍ର ଛାତ୍ରୀ ମାନେ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ

ଉତ୍କଳ ସମାଚାର
THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16,
ROURKELA , PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ଚିନ୍ତା ବଢ଼ାଇଲା ଅନୁଗୁଳ ପ୍ରଦୂଷଣ : କୋଇଲା ଦହନ, ପରିବହନ ପ୍ରମୁଖ କାରଣ

ଅନୁଗୁଳ,୧୦/୧(ନି/ପ୍ର): ଗତକାଲି ଅନୁଗୁଳର ଏୟାର କ୍ୱାଲିଟି ଇଣ୍ଡେକ୍ସ (ବାୟୁର ମାନ ସୂଚକାଙ୍କ) ୩୫୨ ରହିଥିବା ବେଳେ ଆଜି ଏହା ଅଧିକ ଖରାପ ହୋଇ ୩୫୭ରେ ପହଂଚିଛି। ଓଡ଼ିଶାର ହୃଦୟ ଅନୁଗୁଳ ସହରର ବାୟୁର ମାନ ଏତେ ଖରାପ କଣ ପାଇଁ ତାହାକୁ ନେଇ ସାଧାରଣରେ ସ୍ୱତଃ ପ୍ରଶ୍ନ ସୃଷ୍ଟି ହୋଇଛି। ଓଡ଼ିଶାର ଅନ୍ୟ ସହରରେ ଅତ୍ୟଧିକ ଯାନବାହାନ ଚଳାଚଳ, ଦ୍ରୁତ ଶିଳ୍ପାୟନ ଓ ନଡ଼ାପୋଡ଼ିକୁ ବାୟୁ ପ୍ରଦୂଷଣର କାରଣ ବୋଲି ଧରାଯାଇଛି। ତେବେ ଅନୁଗୁଳର ବାୟୁ ପ୍ରଦୂଷଣର ଏକାଧିକ କାରଣ ରହିଛି। ବିଶେଷକରି ଶିଳ୍ପାନୁଷ୍ଠାନ, ଖଣି ଖନନ, ଅତ୍ୟଧିକ ଯାନବାହାନ ଚଳାଚଳ, ପାଉଁଶ ପରିବହନ, କୋଇଲା ଚାଲାଣ ଏବଂ କୋଇଲା ଦହନକୁ ଦାୟୀ କରାଯାଇଛି। ପ୍ରତିବର୍ଷ ଏହି ଶୀତଦିନେ ଅନୁଗୁଳର ପବନରେ ଏପରି ବିଷାକ୍ତ ଧୂଳିକଣା ଭର୍ତ୍ତି ହୋଇଯାଉଛି। ଏହାର କୌଣସି ସ୍ଥାୟୀ ପ୍ରତିକାର ବାହାରିପାରୁ ନାହିଁ। ରାଜ୍ୟ ଓ

ଦେଶର ରାଜକୋଷକୁ ସମୃଦ୍ଧ କରୁଥିବା ଏବଂ ଅର୍ଥନୈତିକ ସ୍ଥିତିକୁ ମଜଭୁତ କରୁଥିବା ଅନୁଗୁଳ ଦିନକୁ ଦିନ ରୋଗାକ୍ରାନ୍ତ ହେବାରେ ଲାଗିଛି। ଏଥିଲାଗି ସତେ ଯେପରି କାହାର ଚିନ୍ତା ନାହିଁ। ଅନୁଗୁଳ ଜିଲ୍ଲାର ତାଳଚେର, କଣିହାଁ ଏବଂ ଛେଣ୍ଡିପଦା ବ୍ଲକ୍ କଳାହୀରା ଲାଗି ପରିଚୟ ଲାଭ କରିଛି। ଏହି ଅଂଚଳରୁ ବ୍ୟାପକ କୋଇଲା ଉତ୍ତୋଳନ କରାଯାଇ ଦେଶ ଓ ବିଦେଶକୁ ରପ୍ତାନି କରାଯାଉଛି। କୋଇଲା ଉତ୍ତୋଳନ ସମୟରେ ବିଭିନ୍ନ କାରଣକୁ ନେଇ ଏହିସବୁ ଅଂଚଳର ବାୟୁରେ ବିଷାକ୍ତ ଧୂଳିକଣା ଭର୍ତ୍ତି ହୋଇଯାଉଛି। କୋଇଲା ଉତ୍ତୋଳନ କରିବା, ତାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ କରି ରଖିବା, ପରେ ଟ୍ରକ୍ ଓ ଟ୍ରେନ୍‌ରେ ଭର୍ତ୍ତି କରି ବିଭିନ୍ନ ସ୍ଥାନକୁ ପରିବହନ କରିବା ପର୍ଯ୍ୟନ୍ତ ହେଉଥିବା ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ବ୍ୟାପକ ଗୁଣ୍ଡ (ଧୂଳିକଣା) ବାୟୁମଣ୍ଡରେ ମିଶି ପରିବେଶକୁ ଦୂଷିତ କରୁଛି। ସେହିପରି କୋଇଲାଖଣ୍ଡକୁ ସ୍ୱତନ୍ତ୍ର ଆକାର ଦେବା ସମୟରେ କୋଲ୍ ୱାସେରିଗୁଡ଼ିକରେ ଯେତେବେଳେ ଏହାର ପ୍ରକ୍ରିୟାକରଣ କରାଯାଉଛି ସେତେବେଳେ ମଧ୍ୟ କୋଇଲା ଗୁଣ୍ଡ ଉଡ଼ି ବାୟୁମଣ୍ଡଳରେ ମିଶୁଛି। ଅନ୍ୟପକ୍ଷରେ ତାଳଚେର, ଛେଣ୍ଡିପଦା ଏବଂ କଣିହାଁ ଅଂଚଳରେ କୋଇଲା ଚୋରା କାରବାର ବ୍ୟାପକ ହେଉଛି। କିଛି କୋଇଲା ମାଫିଆ କୋଇଲାକୁ ଚୋରି କରି ଆଣିବା ପରେ ତାହାକୁ ପୋଡ଼ି ବିକ୍ରି କରୁଛନ୍ତି। କୋଇଲା ପୋଡ଼ି ସମୟରେ ନିର୍ଗତ ହେଉଥିବା ଧୂଆଁ ସିଧାସଳଖ ବାୟୁମଣ୍ଡଳରେ ମିଶୁଛି। ପରିବହନ ସମୟରେ କିଛି କୋଇଲା ବୋଝେଇ ଗାଡ଼ି ପାଲ ଘୋଡ଼ାଉ ନଥିବାରୁ ଏଥିରୁ ଗୁଣ୍ଡ ଉଡ଼ି ବାୟୁରେ ମିଶୁଛି। ଏତଦ୍‌ବ୍ୟତୀତ ଏହି ଅଂଚଳ ଦେଇ ଯାଇଛି ୫୫, ୧୪୯ ଓ ୫୩ ନମ୍ବର ଜାତୀୟ ରାଜପଥ। ଏହିସବୁ ରାଜପଥ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁର, ରାଉରକେଲା, ଭୁବନେଶ୍ୱର, କଟକ, ଯାଜପୁର ଆଦିକୁ ସଂଯୋଗ କରୁଛି। ଅନୁଗୁଳ ଜିଲ୍ଲାରେ ମଧ୍ୟ ରହିଛି ଏକାଧିକ ବୃହତ୍ ଇସ୍ପାତ କାରଖାନା। ସେହିପରି ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଶକ୍ତି ଉତ୍ପାଦନ ପ୍ରକଳ୍ପ ମଧ୍ୟ ରହିଛି। ଏହିସବୁ କାରଖାନାକୁ ପ୍ରତିଦିନ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। ଏଥିଯୋଗୁଁ ବାୟୁମଣ୍ଡଳରେ ବିଷାକ୍ତ ଧୂଆଁ ଓ ଧୂଳିକଣା ମିଶୁଛି। ଏହାସହିତ କାରଖାନାରୁ ବାହାରୁଥିବା ପାଉଁଶ ପରିବହନ, ବ୍ୟାବସାୟିକ ଅନୁଷ୍ଠାନ, ନିର୍ମାଣ କାର୍ଯ୍ୟ ପାଇଁ ମଧ୍ୟ ବାୟୁର ମାନ ଖରାପସ୍ତରକୁ ଚାଲିଯାଉଛି।

୨୦ ଗ୍ରାମ ବ୍ରାଉନସୁଗାର ସହ ୬ ଜଣ ଗିରଫ

ଅନୁଗୁଳ,୧୦/୧(ନି/ପ୍ର) : ଅନୁଗୁଳ ଜିଲ୍ଲା ନାଲକୋନଗର ପୁଲିସ ସୋମବାର ୨୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ୬ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡିଛି । ଗିରଫ ଅନ୍ୟ ୫ ଜଣଙ୍କ ମଧ୍ୟରୁ କାଣ୍ଡସର ଗାଁର ଦିପକ ସେଠୀ ଓ ବଳରାମପ୍ରାସଦର ପ୍ରଭାକର ମହାପାତ୍ର , ଡମ୍ବରୁଧର ଦାସ , ପ୍ରଶାନ୍ତ ନାହାକ , ଦିଲ୍ଲିପ ବାରିକ । ଏହି ସବୁ ଅଭିଯୁକ୍ତ କନିଆଁବେଡା ଗାଁ ମୁଣ୍ଡରେ ଥିବା ଓଭରବ୍ରିଜ ନିକଟରେ ବ୍ରାଉନସୁଗାର ବେପାର କରିବା ପାଇଁ ଗରାଖ ଅପେକ୍ଷାରେ ଥିବା ବେଳେ ଖବର ପାଇ ନାଲକୋନଗର ପୁଲିସ ଚଢାଉ କରିଥିଲା । ଚଢାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା ।

କୃଷ୍ଣା ମହାନ୍ତି ପାଇବେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର

ଅନୁଗୁଳ,୧୦/୧(ନି/ପ୍ର):ଓଡିଶାର ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି ୨୦୨୩ ବର୍ଷ ପାଇଁ ସମ୍ମାନଜନକ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାରରେ ସମ୍ମାନିତ ହେବେ । ଗାନ୍ଧୀ ତଥା ସର୍ବୋଦୟ ବିଚାରର ସର୍ବୋଚ୍ଚ ସଂଗଠନ ସର୍ବ ସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ରାଜସ୍ଥାନର ଜୟପୁର ଠାରେ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ସର୍ବ ସମ୍ମତକ୍ରମେ ଶ୍ରୀମତୀ ମହାନ୍ତିଙ୍କୁ ଏହି ସମ୍ମାନ ଦେବା ନିମନ୍ତେ ନିଷ୍ପତ୍ତି କରାହୋଇଛି । ସର୍ବ ସେବା ସଂଘର ଆଗାମୀ ରାଷ୍ଟ୍ରୀୟ ଅଧିବେଶନରେ କୃଷ୍ଣା ମହାନ୍ତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନ ପତ୍ର ଓ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ ଏକ ପ୍ରେସ ବିଜ୍ଞପ୍ତି ଯୋଗେ ଜଣାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କୃଷ୍ଣା ମହାନ୍ତି ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କର କନିଷ୍ଠ କନ୍ୟା ତଥା ମାଆ ରମାଦେବୀ ଓ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ଝିଆରୀ ।

ଅନୁଗୁଳ ବିଧାନସଭା ନିର୍ବାଚନ ୨୦୨୪; ଏଥର ବିଜେଡି ଟିକେଟ କାହାକୁ

ଅନୁଗୁଳ,୧୦/୧(ନି/ପ୍ର): ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ଚଳଚଂଚଳ ହୋଇପଡିଛି ଅନୁଗୁଳ ରାଜନୀତି। ତା ସହିତ ମଧ୍ୟ ଚଳଚଂଚଳ ହୋଇପଡିଛନ୍ତି ଶାସକ ଦଳ ବିଜେଡିର ଆଶାୟୀ ପ୍ରାର୍ଥୀମାନେ। ସଂପ୍ରତି ଏଠାରୁ ବିଗତ ଚାରୋଟି ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ଜିତି ଆସୁଥିବା ରଜନୀକାନ୍ତ ସିଂହ ଏଥର ତାଙ୍କର ଟିକେଟ ନେଇ ଆଶ୍ୱସ୍ତ ଥିବା ଜଣାପଡୁନାହିଁ। କାରଣ ବିଗତ ଦିନରେ ତୃତୀୟ ମହଲା ସହିତ ଅନୁଗୁଳ ବିଧାନସଭା ନିର୍ବାଚନ ମଣ୍ଡଳୀ ର ଅନ୍ୟ ନେତାଙ୍କ ଭେଟଭାଟ, ପୁରୁଣା ନେତାଙ୍କ ଗତିବିଧି ବଢିବା, ସ୍ୱୟଂ ବିଧାୟକଙ୍କ ଦୁଇହାତ କୁହାଯାଉଥିବା ଦୁଇ ଯୁବ ନେତାଙ୍କ ଦଳରୁ ବହିଷ୍କାର, ସ୍ଥାନୀୟ ଜୈନିକ ବ୍ୟବସାୟୀଙ୍କ ଟିକେଟ ଆଶା ଆଦି ଏବେର ବିଧାୟକଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିବାର ଜଣାପଡୁଛି। ନଚେତ ରଜନୀକାନ୍ତ (ମଂଟୁ ବାବୁ) ହଠାତ୍ ଉପବାଚସ୍ପତି ପଦରୁ ଇସ୍ତଫା ଦେଇ ସ୍ଥାନୀୟ ସଂଗଠନ କୁ ସୁଦୃଢ କରିବା ପଛରେ ବୋଧହୁଏ ଲାଗି ନ ଥାନ୍ତେ। ଶକ୍ତି ପଟ୍ଟନାୟକ! ଏହି ନେତା ଜଣଙ୍କ ବିଜୁବାବୁଙ୍କ ଅମଳରୁ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ରହି ଆସିଛନ୍ତି। ପୂର୍ବରୁ ନଗରପାଳ ରହିବା ସହିତ ତାମଡ଼ା ଅଧ୍ୟକ୍ଷ ଭାବେ ମଧ୍ୟ ସଫଳତାର ସହିତ ନିଜର ରାଜନୈତିକ କାର୍ଯ୍ୟକାଳ ତୁଲେଇଛନ୍ତି। ଏହା ସହିତ ଦଳର ବିଭିନ୍ନ ସମୟରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବା ସହ ଜୀବନବିନ୍ଦୁ ସଂପର୍କିତ କାର୍ଯ୍ୟକ୍ରମ ସହିତ ମଧ୍ୟ ଜଡିତ। ଏବେ ହଠାତ ଶକ୍ତିବାବୁଙ୍କର ସାଧାରଣ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ ଅନେକ ବଢ଼ିଯାଇଛି ବା କୁହନ୍ତୁ ଶକ୍ତି ବାବୁ ଦଉଡ଼ି ବାରେ ଲାଗି ପଡିଛନ୍ତି। ସୂତ୍ରରୁ ମିଳୁଥିବା ସୁଚନା ଅନୁଯାୟୀ ତାଙ୍କୁ ଦଳର ବଡ଼ ନେତାଙ୍କ ପକ୍ଷରୁ ଟିକେଟ ସମ୍ପର୍କରେ କିଛି ଆଶ୍ୱାସନା ମିଳିଛି। ଏପଟେ ଜିଲ୍ଲା ଯୁବ ବିଜେଡ଼ିର ସଭାପତି ଓ ବସୁଧା ଦାୟିତ୍ୱରେ ଥିବା ଦିନେଶ ପ୍ରଧାନ ମଧ୍ୟ ଟିକେଟ ପାଇଁ ଆଶାୟୀ ଦୌଡ଼ରେ ସମ୍ମୁଖ ଧାଡ଼ିରେ ଅଛନ୍ତି। ଏଥିପାଇଁ ସେ ନିଜର ଉତ୍ତମ ଲୋକସମ୍ପର୍କ, ପାଣ୍ଡିୟନ୍ ବାବୁଙ୍କ ସହିତ ସିଧାସଳଖ ଭେଟଭାଟ, ସାଂସଦଙ୍କ ସୁପାରିସ, ଛେଣ୍ଡିପଦା ବିଧାୟକଙ୍କ ସୁପାରିସ ଆଦିକୁ ସମ୍ବଳ କରି ଅଗ୍ରସର ହେଉଥିବା ଜଣାପଡୁଛି।

ରାସ୍ତା ଅବରୋଧ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ପାଟଣାଗଡ,୧୦/୧(ନି/ପ୍ର): ସ୍କୁଲ ଗୃହ ନିର୍ମାଣ ଦାବିରେ ସ୍କୁଲରେ ତାଲା ପକାଇବା ସହ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ଛାତ୍ରଛାତ୍ରୀ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିବା ଜଣାପଡ଼ିଛି। ୨ ବର୍ଷ ପୂର୍ବରୁ ଦୁର୍ବଳ ଥିବା କୋଠରୀ ଭାଙ୍ଗିଥିଲେ, ଏ ଯାଏଁ କେବଳ ଫାଉଣ୍ଡେସନରେ ସିମିତ ରହିଥିବାରୁ ଏହାର ବିରୋଧରେ ରାସ୍ତା ଅବରୋଧ କରାଯାଇଥିଲା ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ପାଟଣାଗଡ଼ ସହରର ବ୍ରହ୍ମପୁରା ପ୍ରାଥମିକ ବିଦ୍ୟାଳୟ ୧୯୬୨ ମସିହାରେ



ପ୍ରତିଷ୍ଠା ହୋଇଥିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ଏଥିରେ ୧୦୯ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଅଛନ୍ତି। ପୁରୁଣା ଶ୍ରେଣୀ କୋଠରୀ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ତାକୁ ଦୀର୍ଘ ୨ ବର୍ଷ ହେବ ଭାଙ୍ଗିଥିଲେ। ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗତ ବର୍ଷେ ହେଲା ଫାଉଣ୍ଡେସନ ପଡ଼ିଛି। ହେଲେ ଏ ଯାଏଁ ନିର୍ମାଣ କାର୍ଯ୍ୟ ପୁରଣ ନ ହେବାରୁ ବାଧ୍ୟ ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍କୁଲରେ ତାଲା ମାରି ପାଟଣାଗଡ଼ – କଂଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସେହି ରାସ୍ତାରେ ବଲାଙ୍ଗୀର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ ଯାଉଥିବା ବେଳେ ତାଙ୍କୁ ମଧ୍ୟ ଅଟକ ରଖିଥିଲେ ଆନ୍ଦୋଳନକାରୀ। ଘଟଣାସ୍ଥଳରେ ପୁଲିସ ଓ ସହକାରୀ ଜିଲ୍ଲାପାଳ ପହଂଚି ସେମାନଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ରାସ୍ତା ଅବରୋଧ ହଟିଥିବା ଜଣାପଡ଼ିଛି।

ମହିଳା କାଉନ୍‌ସିଲରଙ୍କୁ ଦୁର୍ବ୍ୟବହାର ପ୍ରତିବାଦ : ବିଜେଡି ମହିଳା କର୍ମୀଙ୍କ ବିକ୍ଷୋଭ

ବାଲେଶ୍ୱର,୧୦/୧(ନି/ପ୍ର): ଶନିବାର ଦିନ ବାଲେଶ୍ୱର ମିସନ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଦଳୀୟ ସମାବେଶରେ ନିଜ ଦଳରୁ ଦୁର୍ବ୍ୟବହାର ତଥା ଅସମ୍ମାନିତ ହୋଇଥିବା ନେଇ ବିଜେଡିର ମହିଳା ନେତ୍ରୀ ତଥା ବାଲେଶ୍ୱର ପୌରପାଳିକାର କାଉନସିଲର ରଞ୍ଜିତା ମହାପାତ୍ର ଅଭିଯୋଗ ଆଣିଛନ୍ତି। ଏହାର ପ୍ରତିବାଦରେ ବିଜେଡିର ସହସ୍ରାଧିକ ମହିଳା କର୍ମୀ ନିଜ ଦଳର ବିଧାୟକଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନ୍ୟାୟ ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ଦିନ ସଭାରେ ଆଗଧାଡ଼ିରେ ପଡ଼ିଥିବା ସିଟ୍‌ରେ ବସିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ହୋଇଥିଲା। ଏହି ସମୟରେ କାଉନସିଲର ରଞ୍ଜିତା ମହାପାତ୍ରଙ୍କ ସମେତ ବିଜେଡିର କିଛି ମହିଳା ନେତ୍ରୀ ଓ ବରିଷ୍ଠ ନେତା ବିଧାୟକ ସ୍ୱରୂପ ଦାସଙ୍କ ସମର୍ଥକଙ୍କ ଦ୍ୱାରା ଧସ୍ତାଧସ୍ତି ଓ ଅସମ୍ମାନର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଦୁଇ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାଉନସିଲର ରଞ୍ଜିତା ମହାପାତ୍ର ଓ ତାଙ୍କ ସମର୍ଥକମାନେ ସହଦେବଖୁଂଟା ଥାନାକୁ ଯାଇ ବିଜେଡିର ଜଣେ ପୁରୁଷ କାଉନସିଲରଙ୍କ ସମେତ ୪ ଜଣ ଯୁବନେତାଙ୍କ ବିରୋଧରେ ଏତଲା ଦେଇଥିଲେ। ସେମାନେ ସଭାସ୍ଥଳରେ ତାଙ୍କୁ ଅସଦାଚରଣ ଓ ଟଣାଓଟରା କରିଥିବା ନେଇ ରଞ୍ଜିତା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଆଜି ସକାଳେ ଦଳର କିଛି ବରିଷ୍ଠ ନେତା ଓ କାଉନସିଲରଙ୍କ ସହିତ ସହସ୍ରାଧିକ ମହିଳା କର୍ମୀଙ୍କୁ ସାଙ୍ଗରେ ଧରି ରଞ୍ଜିତା ଗାନ୍ଧୀ ସ୍ମୃତି ଭବନଠାରୁ ବିରାଟ ପଟୁଆରରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଜିନ୍ଦାବାଦ, ସଦର ବିଧାୟକ ସ୍ୱରୂପ ଦାସ ହାଏହାଏ ନାରାବାଜି କରିଥିଲେ ବିକ୍ଷୋଭକାରୀ। ଏ ସମ୍ପର୍କରେ କାଉନସିଲର ରଞ୍ଜିତା ମହାପାତ୍ରଙ୍କ ପ୍ରତିକ୍ରିୟା ନେବାରୁ କହିଥିଲେ, ଆମେ ଏକ ଶୃଙ୍ଖଳିତ ଦଳରେ ଅଛୁ। ବହୁତ ଭାବିଚିନ୍ତି ଏପରି ପଦକ୍ଷେପ ନେଇଛୁ। ଦଳରେ

ସର୍ବୋଚ୍ଚ ନେତୃତ୍ୱଙ୍କୁ ସମ୍ମାନ ଦେଉଥିବା ବେଳେ ସଦର ବିଧାୟକ ଏବଂ ତାଙ୍କ ସମର୍ଥକ ତାଙ୍କୁ ଅସମ୍ମାନ କରିବା ନିନ୍ଦନୀୟ ଓ ଅଶୋଭନୀୟ। ତେଣୁ ନ୍ୟାୟ ପାଇବା ଲାଗି ଆଜି ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି। ବିକ୍ଷୋଭ ଶୋଭାଯାତ୍ରାରେ ବିଜେଡିର ଜିଲ୍ଲା ଉପସଭାପତି ଯଯାତିକେଶରୀ ଦାସ, ବରଦାପ୍ରସନ୍ନ ପଟ୍ଟନାୟକ, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର, କାଉନସିଲର ସଂଜୀବ କୁମାର ଦାସ, ତନୟ ମହାନ୍ତି, କାଉନସିଲର ସଲିମା ବିବି, ମିନତି ସେଠୀ, କାଉନସିଲର ପ୍ରୀତିଲତା ସେଠୀ, ମୀନାରାଣୀ ବିଶ୍ୱାଳ, ଅନୀତା ଭୂୟାଁ, ସୋନାଲି ଶାହା, ଆଶ୍ରିତା ତ ?ରେଇ, ରୋଜି ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହା ଦଳର ଆଭ୍ୟନ୍ତରୀଣ ବ୍ୟାପାର। ସେମାନେ ସମସ୍ତେ ଆମ ଦଳର କର୍ମୀ। ମୁଁ ସେମାନଙ୍କ ସହ ଆଲୋଚନା କରି ଘଟଣାର ସମାଧାନ ଲାଗି ପ୍ରୟାସ କରୁଛି। ଅନ୍ୟପକ୍ଷରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଏ ସଂକ୍ରାନ୍ତରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ।

ଅନୁଗୁଳ ଭଲିବଲ କପ୍ – ଭୁବନେଶ୍ୱରକୁ ହରାଇ ଭଦ୍ରକ ଚମ୍ପିୟାନ

ଅନୁଗୁଳ,୧୦/୧(ନି/ପ୍ର):ଅନୁଗୁଳ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ଏକ ତିନି ଦିନିଆ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି। ୫ ତାରିଖ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟକୁ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଉଦଘାଟନ କରିଥିଲେ । ପ୍ରଥମ ଦିନରେ ଅନୁଗୁଳ ଜିଲ୍ଲାର ୮ ଟି ଟିମ ଭାଗ ନେଇଥିଲେ । ଜିଲ୍ଲା ସ୍ତରୀୟ ହୋଇଥିବା ଏହି ଦିନରେ ଟାଟା ଷ୍ଟିଲକୁ ୨-୦ ସେଟରେ ହରାଇ ସନ୍ତରାବନ୍ଧ ଟିମ ଚମ୍ପିୟାନ ହୋଇଥିଲା । ସନ୍ଧ୍ୟାରେ ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ମୁଖ୍ୟ ଅତିଥି ଓ ଅନୁଗୁଳ ଡିପିଓ ଭିକାରିବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ଅନୁଗୁଳ ଭଲିବଲ କପ ୨୦୨୪ର ଦ୍ୱତୀୟ ଦିନରେ ରାଜ୍ୟ ସ୍ତରୀୟ ଦିବାରାତ୍ର ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା । ଓଡିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନିକାନ୍ତ ସାହୁ ମୁଖ୍ୟ ଅତିଥି ଓ ଅନୁଗୁଳ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେ[କୁ ଉଦଘାଟନ କରିଥିଲେ । ଏହି ମ୍ୟାଚରେ ବାଲେଶ୍ୱର, ଭଦ୍ରକ , ଭୁବନେଶ୍ୱର , ରାଉରକେଲା , ପାରାଦୀପ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ଭାଗ ନେଇଥିବା ବେଳେ ଦୁଇଟି ଗ୍ରୁପରେ ଲିଗ ପର୍ଯ୍ୟାୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଗ୍ରୁପ ଏ ରୁ ଭଦ୍ରକ ଗ୍ରୁପ ଚମ୍ପିୟାନ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରାଉରକେଲା ଟିମ ରହି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା । ସେହି ଭଳି ଗ୍ରୁପ ବି ରେ ଭୁବନେଶ୍ୱର ଚମ୍ପିୟାନ ଓ ପାରାଦ୍ୱୀପ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମିଫାଇନାଲକୁ ଉନ୍ନିତ ହୋଇଥିଲେ । ୭ ତାରିଖ ତୃତୀୟ ଦିନରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକର ସମାଜସେବୀ ଅର୍ଜୁନ ସାହୁ ଅତିଥି ଭାବେ ଯୋଗ ଦେଇ ସେମିଫାଇନାଲ ମ୍ୟାଚକୁ ଉଦଘାଟନ କରିଥିଲେ । ପ୍ରଥମ ସେମିଫାଇନାଲରେ ପାରାଦୀପକୁ ଭଦ୍ରକ ଓ ଦ୍ୱିତୀୟ ସେମିଫାଇନାଲରେ ରାଉରକେଲାକୁ ହରାଇ ଭୁବନେଶ୍ୱର ଫାଇନାଲକୁ ଉଠିଣ୍ଡ ହୋଇଥିଲା । ଫାଇନାଲ ମ୍ୟାଚ ଚିତାକର୍ଷକ ହୋଇଥିବା ବେଳେ ଭଦ୍ରକ ୩-୨ ସେଟରେ ଭୁବନେଶ୍ୱରକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ଉଦଯାପନି ସନ୍ଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ ମୁଖ୍ୟ ଅତିଥି , ଅନୁଗୁଳ ପୌରପାଳିକା ଭାଇସ ଚେୟାରମ୍ୟାନ ଅନୁପମା ସାହୁ ସମ୍ମାନୀତ ଅତିଥି , ଅନୁଗୁଳ କ୍ରୀଡା ସାଂସଦ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ , ପୂର୍ବତନ କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁ , ଅଭିନେତା ଅମରେଶ ନାଥ , ପୂର୍ବତନ ଜାତୀୟ ଭଲିବଲ ଖେଳାଳି ଶରତ ପାଣି ଅତିଥିଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ମ୍ୟାନ ଅଫ ଦ ମ୍ୟାଚ ଭାବେ ଭଦ୍ରକ ର ରାଜୁ , ବେଷ୍ଟ ସେଟର ଭାବେ ଭୁବନେଶ୍ୱରର ଶୁଭ୍ରାଂଶୁ , ବେଷ୍ଟ ଲିବେରୋ ଭାବେ ଭଦ୍ରକର ଜ୍ଞାନ ରଞ୍ଜନ ବେହେରା , ଭଦ୍ରକର ହୃଷିକେଶ ବେଷ୍ଟ ଆଟାକର ଓ ମ୍ୟାନ ଅଫ ଦ ଟୁର୍ଣ୍ଣାମେଂଟ ଭାବେ ଭୁବନେଶ୍ୱର ର ଅଫଜଲଙ୍କୁ ପୁରସ୍କୃତ କରାଯିବା ସହ ଉପ ବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ବିଜେତା ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରା ଯାଇଥିଲା

ରେଳବାଇ କନେଷ୍ଟବଳଙ୍କ ମହାନତା, ଚଳନ୍ତା ଟ୍ରେନରୁ ନିଶ୍ଚିତ ବିପଦ ମୁଖରୁ ବଂଚାଇଲେ ମହିଳାଙ୍କ ଜୀବନ

ଭଦ୍ରକ,୧୦/୧(ନି/ପ୍ର): ରେଳବାଇ କନେଷ୍ଟବଳଙ୍କ ମହାନତା, ଚଳନ୍ତା ଟ୍ରେନରୁ ନିଶ୍ଚିନ୍ତ ବିପଦ ମୁଖରୁ ବଂଚାଇଲେ ମହିଳାଙ୍କ ଜୀବନ। କାର୍ଯ୍ୟରତ କନେଷ୍ଟବଳଙ୍କ ଏଭଳି ଉଦାରତା ଦେଖି ଚାରିଆଡୁ ସାବାସୀର ସୁଅ ଛୁଟିଛି। ଏଭଳି ବଡ଼ ଅଘଟଣ ହେବା ପୂର୍ବରୁ କେଉଁଭଳି କନେଷ୍ଟବଳ ଜଣକ ମହିଳାଙ୍କ ଜୀବନ ବଂଚାଇଛନ୍ତି ତାହା ଭଦ୍ରକ ଷ୍ଟେସନ ପରିସରରେ ଥିବା ସିସିଟିଭିରେ କଏଦ ହୋଇଛି। ଘଟଣାଟି ଏଭଳି ଥିଲା, ବାଲେଶ୍ୱର ଅଂଚଳର ଜୈନିକା ମହିଳା ଜଣକ ବାଲେଶ୍ୱର ଯିବା ନିମନ୍ତେ ମେମୁ ଟ୍ରେନକୁ ଅପେକ୍ଷା କରିଥିଲେ। କିନ୍ତୁ ଭୁଲବଶତଃ ଯାଜପୁର ଆଡକୁ

ଯାଉଥିବା ଯାଜପୁର ପାସେଞ୍ଜର ଟ୍ରେନରେ ବସିଯାଇଥିଲେ। ଏହି ଟ୍ରେନଟି କେଉଁଆଡେ ଯାଉଛି ବୋଲି ଟ୍ରେନରେ ବସିଥିବା ଯାତ୍ରୀଙ୍କୁ ମହିଳା ଜଣକ ପଚାରିଥିଲେ। ଯାଜପୁର ଏହି ଟ୍ରେନଟି ଯାଉଥିବା ଶୁଣି ମହିଳା ଜଣକ ଅବାକ ହୋଇ ଚଳନ୍ତା ଟ୍ରେନରୁ ଡେଇଁପଡିଲେ। ଏଭଳି ଅବସ୍ଥାରେ ଭଦ୍ରକ ରେଳ ଷ୍ଟେସନରେ ଡ୍ୟୁଟିରେ ଥିବା କନେଷ୍ଟବଳ ପ୍ରତାପ ଚନ୍ଦ୍ର ଗିରି ମହିଳାଙ୍କୁ କାବୁ କରି ପକାଇଥିଲେ ଓ ବଡ଼ ଅଘଟଣରୁ ମହିଳା ଜଣକ ବର୍ତ୍ତି ଯାଇଥିଲେ। କନେଷ୍ଟବଳଙ୍କ ଏଭଳି ସାହସିକତା କାର୍ଯ୍ୟକୁ ଦେଖି ଷ୍ଟେସନ ପରିସରରେ ଥିବା ଯାତ୍ରୀ ମାନେ କିଛି ସମୟ ପାଇଁ ତାଜୁବ ହେବା ସହ ସାବାସୀ ଦେଇଥିଲେ। ଭଦ୍ରକ ଷ୍ଟେସନ ପରିସରରେ ଏଭଳି ଅଘଟଣ ସିସିଟିଭିରେ କଏଦ ହୋଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ଭାଇରଲ ହେବାରେ ଲାଗିଛି। ତେବେ ଏହି ଘଟଣାଟି କିଛି ଦିନ ତଳର ବୋଲି ଜଣାପଡିଛି।

ବିବିଧା

ଆଜିର ଇତିହାସ

- ୧୮୭୭ : ଆମେରିକା ଆଦ୍ୟରୁ ଶେଷ ଯାଏ ଏକ ଅଖଣ୍ଡ ଦେଶ ହୋଇଥିଲା
- ୧୯୫୫ : ଆମେରିକା ଏକ ଆଣବିକ ଶକ୍ତି ଚାଳିତ ବିମାନବାହୀ ଜାହାଜ ନିର୍ମାଣ କରିଥିଲା
- ୧୯୬୫- ଲାଲବାହାଦୁର ଶାସ୍ତ୍ରୀ ଏକ ଗୁପ୍ତଚାରୀ ଦ୍ୱାରା ନିହତ ହୋଇଥିଲେ ବୋଲି ଅନୁମାନ କରାଯାଏ
- ୧୯୬୬- ପାକିସ୍ତାନର ଏକ ସାମରିକ ଶାସକ ଜେନେରାଲ ଜିଆଉଲ ହକ୍ ଜନ୍ମଗ୍ରହଣ କରିଥିଲେ
- ୨୦୦୩- ଆମେରିକା ଏକ ମାନବ ବିହୀନ ଯାନ ମଙ୍ଗଳ ଗ୍ରହକୁ ପଠାଇଥିଲା

ଆଜିର ଚିନ୍ତା

- ଦିଲ୍ଲୀ ଅଦୂରେ ଗୁରୁଗ୍ରାମଠାରେ ଦିଗନ୍ତଜୟୀ ବିମାନ ।
- ଅଭିନବ ଯୁଦ୍ଧ ପ୍ରଣାଳୀର ଦିଗଦର୍ଶନ ହୋଇଥିଲା ।
- ଅତିଥି ଦିଗନ୍ତ ଅଞ୍ଚଳରେ ଦୂରର ମଣିଷକୁ ଦିଏ ଆଶ୍ରୟ ।

ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ହେବ

'ଓଃ ମାଇ ଗଡ୍ ୨'

ଘାଟ ମଣିରେ

ବ୍ରହ୍ମଜ୍ଞାନ

ଗୋଟିଏ ପ୍ରାଣିକ ଜୋତଣ

ଆମ୍ ଜାହାଣୀ



ଗାଁରେ ଯୌତୁକ ମନା

ମୋର ପ୍ରିୟ ଖାଦ୍ୟ

କଖାରୁ ଫୁଲ ଭଜା ଓ କୋଶଳା ଶାଗ



ବିନା ହାତରେ ଜଦଳା ଖାଇ ରେକର୍ଡ

ରାଶି ଭବିଷ୍ୟତ

ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୧୧ ଜାନୁଆରୀ ୨୦୨୪

ମା’

ଜୟଶ୍ରୀ ଦାସ

ମା’ ଏମିତି ଶବ୍ଦଟିଏ ଯେଉଁଥିରେ ଅଛି ଅମୃତର ସ୍ୱାଦ। ମା’ ଡାକିଦେଲେ ଯେମିତି ଉଭେଇଯାଏ ଦୁଃଖ। ଆକାଶଠାରୁ ଉଦାର ହୃଦୟ ଓ ମାଟି ମା’ ପରି କୋଳେଇ ନେବାର ପଣ ଯା’ର ସେ ତ ମା’। ଜନ୍ମ ହୋଇ ମାଟି ମା’ କୋଳରେ ପାଦ ଥାପି ଚାଲେ ଶିଶୁଟି ଓ ବଡ଼ ହୋଇ ମଣିଷ କରିବା ଯାଏ ଯାହାର ଅବଦାନ ସେ ମା ଛଡ଼ା ଆଉ କିଏ ହେବ ଏତେ ଆପଣାର। ସମସ୍ତଙ୍କ ପରିବାରରେ ବାନ୍ଧିଦିଏ ବନ୍ଧନ। ତା’ର ତ୍ୟାଗ ଅସୀମ। ଯିଏ ବୁଝିଛି ମା ଶବ୍ଦର ଅର୍ଥ ସେ ପାଇଛି ସତ୍ ରାସ୍ତା ଓ ଜ୍ଞାନର ଆଲୋକ। ମା’ ଚରଣରେ ଆମର ସ୍ଥାନ। ତା’ ପଣତ କାନିରେ ଆମକୁ ଘୋଡାଇ ରଖେ ବିପଦ ଆପଦରୁ। ତେଣୁ ମା’ର ସ୍ଥାନ କିଏ କରିବା ପୂରଣ। ପିଲା ମୁହଁରେ ହସ ଦେଖିଲେ ସେ ଖୁସିହୁଏ। କଥରେ ଅଛି ମା’ର ଋଣ ଶୁଝିହୁଏନି। କିନ୍ତୁ କେତେଜଣ ବୁଝୁଛନ୍ତି ତା’ର ସ୍ନେହ, ମମତା। ତା’ ଦୁଃଖ ଓ କଷ୍ଟ। ସେ ତ ମା’। ଧରିତ୍ରୀ ସମ। କିଛି ଆଶା କରେବି ପିଲାଠାରୁ। କେବଳ ଚାହେଁ ଭଲ ମଣିଷଟିଏ ହୋଇ ଅନ୍ୟର ଉପକାର କରୁ ଓ ନିଜେ ଭଲ ମଣିଷ ହୋଇ ଦେଶର ନାମ ରଖୁ। ତା’ ଆଖିରେ ଲୁହ ଦେଖିଲେ ତାକୁ କଷ୍ଟ ହୁଏ। ବାପା ଗାଳି ଦେଲେ କହନ୍ତି ଥାଉ ମୋ ପିଲା ବଡ଼ ହେଲେ ସବୁ ବୁଝି ଯିବନି। ଆଜି ମାତୃ ଦିବସରେ ମା କଥା ବହୁତ ମନେପଡେ। ରୁଷି ଥିଲେ ଯିଏ ବୁଝାଇଦିଏ। ଅଜସ୍ର ପ୍ରେମ ଢ଼ାଳିଦିଏ ପିଲା ଉପରେ। ତା ଗାଳି ହୁଏ ଦାଣ୍ଡ ଧୂଳି। ଯେବେ ବଡ଼ ହେଲି କହିଲି ମା ମୁଁ ଶିକ୍ଷୟିତ୍ରୀ ହେବି। ମା କହିଲେ ଭଲ କଥା । ପିଲାଙ୍କୁ ପଢ଼ାଇ ମଣିଷ କଲେ ସେମାନେ ଆଗାମୀ ଦିନର ଭବିଷ୍ୟତ ହେବେ। କହେ ତୁମେ ବଡ଼ ହେଲ। ଭଲ ମନ୍ଦ ବିଚାର କରି କାର୍ଯ୍ୟ କରିବ। ସମସ୍ତେ କହିବେ ମା ଉପଯୁକ୍ତ ଶିକ୍ଷା ଦେଇଛି ପିଲାକୁ। ଏଥିରେ ମା’ ଖୁସି ହୁଏ ଆନନ୍ଦ ପାଏ। ତେଣୁ ମା ପରି ସତେ କିଏ ହେବ କୁହତ ? ତା’ର ଧନ ଡାକ ମନେ ପଡ଼ିଲେ ପେଟ ପୁରିଯାଏ। ଖାଇ ନଥିଲେ ଖୁଆଇ ଦିଏ ଗପ ଓ ଗୀତ କହି। ଭାଙ୍ଗିପଡ଼ିଥିଲେ ଠିଆ କରାଏ ମା’। କିଏ ହେବ କୁହ ତା ସହ ତୁଳନା। ତେଣୁ ସମସ୍ତେ ମାଙ୍କୁ ସମ୍ଭବ ହେବା ତାହା ଚିନ୍ତାର ବିଷୟ। ଏଥିପାଇଁ ସାମ୍ବାଦିକତାକୁ ମର୍ଯ୍ୟାଦା ଜନକ କାର୍ଯ୍ୟ ଓ ସେବା ଭାବି ଏହାକୁ ଆପଣେଇଥିବା ପ୍ରକୃତ ସାମ୍ବାଦିକ ମାନେ ଅଣ ନଶ୍ୱାସୀ ଏବଂ ହତାସ। ତଥାପି ସମାଜ ଏବଂ ବ୍ୟବସ୍ଥା ଜାଣିଛି ପ୍ରକୃତରେ କିଏ ସାମ୍ବାଦିକ ? ସାମ୍ବାଦିକତାର ମୂଳ ନୀତି ଓ ଆଦର୍ଶକୁ ଜାବୋଡି ଧରିଥିବା ସାମ୍ବାଦିକଟିଏ କିମ୍ବା ସଂପାଦକଟିଏ କେବେ ଏହି ମହାନ କାର୍ଯ୍ୟର ଗରିମା, ସ୍ୱାଭିମାନ ଏବଂ ନୀରପେକ୍ଷତା, ନିର୍ଭିକତାକୁ ବଳି ପକାଇ ନଥାଏ। ସେ ଛୋଟ ହେଉ ବା ବଡ ଗଣମାଧ୍ୟମ। ପ୍ରକୃତ ସାମ୍ବାଦିକତା ସର୍ବଦା ମର୍ଯ୍ୟାଦା ଜନକ ଏବଂ ସମ୍ମାନ ଜନକ। ନିଜର କାର୍ଯ୍ୟଧାରା ପାଇଁ ଅନ୍ତରାତ୍ମାରୁ ମିଳୁଥିବା ସାବାସି ଏବଂ ବିବେକ ମୂଲ୍ୟାୟନ ହିଁ ସର୍ବଶକ୍ତିମାନ ଇଶ୍ୱରଙ୍କ ନିକଟରେ ସବୁଠାରୁ ବଡ ସଫଳତା। ଲୋକେ କିମ୍ବା ପାଠକ ମଧ୍ୟ ପ୍ରତି ସମ୍ବାଦ ଓ ଲେଖା ଅନ୍ତରାଳରେ ଥିବା ବାସ୍ତବତା କିମ୍ବା ଉଦ୍ଦେଶ୍ୟକୁ ବେଶ ଭଲ ଭାବେ ବୁଝିବା ଭଳି ପରିସ୍ଥିତି ବି ସୃଷ୍ଟି ହେଲାଣି। ଏହି ବୁଝିବା ହିଁ ସାମ୍ବାଦିକତାକୁ ମୂଲ୍ୟାୟନ କରେ। ଗୌରୀ ଶଙ୍କର ରାୟଙ୍କ ‘ଉତ୍କଳ ଦୀପିକା’ ହେଉ କିମ୍ବା ଫକୀର ମୋହନ ସେନାପତିଙ୍କ ‘ସମ୍ବାଦ ବାହିକା’ ପରି ସମ୍ବାଦପତ୍ର ମାନେ ସେ ସମୟରେ ସମସ୍ତ ପ୍ରକର ପ୍ରତିକୂଳ ପରିସ୍ଥିତି ସତ୍ୱେ ବି ଓଡିଆ ଅସ୍ମିତା ଓ ଗରିମା ପାଇଁ କରିଥିବା ଲଢେଇ ଯୁଗ ଯୁଗ ପାଇଁ ଓଡିଆ ସାମ୍ବାଦିକତାକୁ ଗୌରବାନ୍ୱିତ କରୁଥିବ। ଅନେକ ନିଷ୍ଠାପର ଉଚ୍ଚ ଶିକ୍ଷିତ ସମ୍ଭ୍ରାନ୍ତ ଯୁବକ ଏବଂ ଛାତ୍ର ଏହି ସାମ୍ବାଦିକତାକୁ ନିଜର ପେଷା ଭାବେ ଗ୍ରହଣ କରି ସମାଜ ପାଇଁ କିଛି କରିବାର ସଂକଳ୍ପ ନେଇଥାନ୍ତି। ଏହି ଧାରାରେ ମୁଁ ଜଣେ ସାମ୍ବାଦିକ। ସାମ୍ବାଦିକଟିଏ ସମସ୍ତଙ୍କ ପାଇଁ ଲେଖେ, ହେଲେ ସାମ୍ବାଦିକ ନିଜର ଅଭିଜ୍ଞତା ଏବଂ ଜୀବନ ସଂଘର୍ଷକୁ ବି କଲମ ମୁନରେ ରୂପ ଦେଇ ସମାଜ ପାଇଁ ଛାଡିଯିବା ଦରକାର। ଏହି ଧାରାରେ ଏହି ପେଷା ନେଇ ନିଜର ଅନୁଭବ ଓ ଅନୁଭୂତିକୁ ଏହି ସ୍ତମ୍ଭରେ ସଜାଡିବାର ପ୍ରୟାସ କରିଛି। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବି ପ୍ରକୃତ ସାମ୍ବାଦିକଟିର ଅନ୍ତର ସବୁବେଳେ କହୁଥିବ – ହଁ ଆମେ ସାମ୍ବାଦିକ। (କ୍ରମଶଃ) ବରିଷ୍ଠ ସାମ୍ବାଦିକ, ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର, ମୋ-୯୪୩୭୦୧୯୧୧୭ ସମ୍ମାନ ଦେବା ଉଚିତ। ସବୁଦିନା ତା’ର ବୟସ ହୋଇଗଲେ ତାର ସେବା କରିବା ଉଚିତ। କେବେ ହତାଦର କରିବନି ଏହା ମୋର ଅନୁରୋଧ। ଆଜି ମୁଁ ବିବାହ କରି ଦୁଇଟି ସନ୍ତାନର ଜନନୀ। ମା’ ଆଜି ନାହାନ୍ତି। କିନ୍ତୁ ଭାରି ମନେପଡେ। ମା’ର ବାତ୍ସଲ୍ୟ ମମତା ଓ ସ୍ନେହଭରା ଆଲିଙ୍ଗନ ଭିତରେ ବୁଝାଇ ଦେବାର କଥା। ଯେତେବେଳେ ବିବାହ କରି ଶାଶୁଘରୁ ପ୍ରଥମେ ବାପଘରକୁ ଆସିଲି ମା’ କେତେ କଥା ପଚାରିଥିଲେ। କହିଥିଲେ ଧନ। ‘ସଂସାର କରିଥିଲେ ପଥର ପଡ଼ିଲେ ସହି।’ ଆଉ ସେ କଥା ମନେଅଛି ମୋର। ଯାହା ଯେତେ ସଂସାରରେ ଆସୁ ଦୁଃଖ ସହିଯାଏ। କାରଣ କହିବା ଅପେକ୍ଷା ସହିବା ଲୋକ ବଡ଼। ମୋ ମା’ ହେଉ ଅବା ସମସ୍ତଙ୍କର ମା’ ଆଜି ମୁଁ ତାଙ୍କୁ ସମ୍ମାନ ଜଣାଉଛି ଓ ଆଶୀର୍ବାଦ ମୋର କାମ୍ୟ। ମା’ ନିର୍ମଳ ଗଙ୍ଗାଧାରା ପରି ବୋହିଯାଏ। ନିଜ ଲକ୍ଷ୍ୟ ପରି। ତେଣୁ ତା’ ଦେହରେ ଯେତେ ମଇଳା, ଆବର୍ଜନା, ପଡ଼ିଲେ ବି ସେ ଗଙ୍ଗା। ସ୍ୱଚ୍ଛ ଓ ପବିତ୍ର। କେବଳ ଦେଇଦିଏ। ଅଥଚ ପାଇବାର ଆଶା ରଖେନି। ତେଣୁ ସେ ଗଙ୍ଗା। ମା ସେମିତି ଗଙ୍ଗା ପରି ପବିତ୍ର। କେବଳ ନିଃସ୍ୱାର୍ଥପର ଭାବେ ସେବା କରେ। ଆଜିମାଙ୍କୁ ଚାହିଁଲେ ଦେଇପାରେନି ସିନା ତା ସ୍ମୃତି ସାଇତିଛି ତା’ ମନ ଓ ହୃଦୟେ। ଯାହା ଭୁଲିହେବନି। ଆଜି ମାତୃ ଦିବସରେ ମା’ଙ୍କର ସ୍ମୃତି ମନେପକାଉଛି ଓ ଇଶ୍ୱରଙ୍କ ପାଖେ ଦୀପଜାଳେ ତାଙ୍କ ଆତ୍ମା ଶାନ୍ତି ପାଉ ଏହା କାମନା।

ସତ କହୁଛି : ରାଜନୀତିରେ କାର୍ଟୁନ୍ ଓ ମିମିକ୍ରି

ରାଜନୀତିରେ ‘କାର୍ଟୁନ୍’ ହେଉଛି ରାଜ୍ୟରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଏବଂ ଏହାର ନାୟକ ନାୟିକାମାନଙ୍କର ବ୍ୟଙ୍ଗ ଚିତ୍ର, ଯାହାକି ଆଜକୁ ବର୍ଷ ବର୍ଷ ଧରି ଛାପା ଗଣମାଧ୍ୟମରେ ପ୍ରକାଶ ପାଇଆସୁଛି। ‘ମିମିକ୍ରି’ ହେଉଛି ଏହାର ଏକ ଆଧୁନିକ ସଂସ୍କରଣ ଅର୍ଥାତ୍ ? ଏହି ଘଟଣାବଳୀର ନାୟକନାୟିକାମାନଙ୍କର ବ୍ୟଙ୍ଗ ଅଭିନୟ, ଯାହାକି ଏବେକାର ବିଭିନ୍ନ ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମମାନଙ୍କରେ ବହୁଳ ପ୍ରସାରିତ ହେଉଛି। ଏ ଦୁହେଁ ଅନେକ ଗମ୍ଭୀର ବିଷୟକୁ ଅତ୍ୟନ୍ତ ହାଲୁକା ଭାବରେ ପରିବେଷଣ କରି ହାସ୍ୟରସ ସୃଷ୍ଟି କରିଥାନ୍ତି। ପ୍ରତ୍ୟହ ଗଣମାଧ୍ୟମମାନଙ୍କର ଚୋରି, ହତ୍ୟା, ଦୁର୍ନୀତି, ଡକାୟତି, ବ୍ୟଭିଚାର ଓ ଧର୍ଷଣ ଇତ୍ୟାଦି ଖବର ପଢ଼ିପଢ଼ି ମନ ଯେତେବେଳେ ଭାରାକ୍ରାନ୍ତ ହୋଇ ଯାଇଥାଏ, ସେତେବେଳେ ଏହିମାନେ ପରିବେଶକୁ ସାମାନ୍ୟ ହାଲୁକା କରିଦେଇ ଓଠକୁ ସ୍ମିତ ହାସ୍ୟଟିଏ ଯୋଗେଇ ଦେଇଥାନ୍ତି। ଏହି କାର୍ଟୁନ ଓ ମିମିକ୍ରିମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ କିମ୍ବା ବର୍ଣ୍ଣ ନ ଥାଏ। ଦୁଃଖର ବିଷୟ ଯେ ଅନେକ ସମୟରେ ଏହାକୁ ଅପବ୍ୟବହାର କରି ପରିସ୍ଥିତିକୁ ଏଭଳି ଉତ୍ତେଜିତ କରେଇ ଦିଆଯାଇଥାଏ ଯେ ଶେଷକୁ ହସିବା ବଦଳରେ ଆମକୁ କାନ୍ଦିବାକୁ ପଡ଼ିଥାଏ। ଏବେ ଆମ ଉପରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟସଭାରେ କେତେ ଜଣ ସଭ୍ୟଙ୍କର ନିଲମ୍ବନ ନିଷ୍ପତ୍ତି ଉପରେ ଏକ ମିମିକ୍ରି ଭିଡିଓକୁ ନେଇ ରାଜସ୍ଥାନ ଓ ହରିୟାଣାର ଜାଠ ସଂପ୍ରଦାୟ ଉତ୍ତେଜିତ ହୋଇପଡ଼ି ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କଲେ। କାରଣ ଉପରାଷ୍ଟ୍ରପତି ଧନଖଡ଼ ଜାଠ ସଂପ୍ରଦାୟର। ଥରେ ଭାବନ୍ତୁ ତ ଉପରାଷ୍ଟ୍ରପତି ଯେଉଁମାନଙ୍କୁ ନିଲମ୍ବନ କରିଥିଲେ, ସେମାନେ ଯଦି ତାଙ୍କ ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ଉତ୍ତେଜିତ ହୋଇ ପଡ଼ିଥାନ୍ତେ ଓ ବିକ୍ଷୋଭ ପ୍ରଦର୍ଶନ କରିଥାନ୍ତେ, ତେବେ ଅବସ୍ଥା କ’ଣ ହୋଇଥାନ୍ତା ? ଉଣେଇଶ ଶହ ଅଣଚାଶ ମସିହା କଥା କହୁଛି। ଯେତେବେଳେ ସଂବିଧାନ ପ୍ରଣୟନରେ ଅହେତୁକ ବିଳମ୍ବ ଘଟିଲା ଶଙ୍କର ପିଲ୍ଲାଇ ନାମକ ଜଣେ ପ୍ରସିଦ୍ଧ କାର୍ଟୁନିଷ୍ଟ୍ ଗୋଟେ ବ୍ୟଙ୍ଗ ଚିତ୍ର ପ୍ରକାଶ କରିଦେଲେ, ଯେଉଁଥିରେ ଦେଖାଗଲା ସଂବିଧାନ ପ୍ରଣୟନ କମିଟିର ମୁଖିଆ ବାବାସାହେବ ଆମ୍ବେଦକର ଗୋଟିଏ ଧୀର ମନ୍ଥର ଗେଣ୍ଡା ଉପରେ ବସିଛନ୍ତି ଓ ପଣ୍ଡିତ ଜବାହରଲାଲ ନେହରୁ ତାଙ୍କୁ ଜଲ୍ ?ଦି ଜଲ୍ ?ଦି ଚାଲିବା ପାଇଁ ଗୋଟେ ଛାଟ ଦେଖଉଛନ୍ତି। ବ୍ୟଙ୍ଗଚିତ୍ର ମାଧ୍ୟମରେ ସଂବିଧାନ ଶୀଘ୍ର ପ୍ରଣୟନ କରିବା ଏହାର ଉଦ୍ଦେଶ୍ୟ ଥିଲା, କିନ୍ତୁ ଏହାକୁ ଜଣେ ବ୍ରାହ୍ମଣ ପଣ୍ଡିତଙ୍କର ଦଳିତ ସଂପ୍ରଦାୟ ଉପରେ ଆକ୍ରମଣ ବୋଲି କହି ପ୍ରବଳ ହୋ ହଲ୍ଲା ହେଲା ଓ ସଂବିଧାନ ସଭା କିଛି ଦିନ ଏଇଥିପାଇଁ ପଡ଼ିଲା ଉଠିଲା। ଦୁଇ ହଜାର ବାର ମସିହାର କଥା। ଯାଦବପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ଆଶୁତୋଷ ବାନାର୍ଜୀ ଗୋଟେ କାର୍ଟୁନ ପ୍ରସ୍ତୁତ କରିଥିଲେ ଯେଉଁଥିରେ ଦେଖିବାକୁ ମିଳିଥିଲା ଯେ ସୁଶ୍ରୀ ମମତା ବାନାର୍ଜୀ ମୁକୁଲ ରାୟଙ୍କୁ ରେଳବାଇ ମନ୍ତ୍ରୀ ପଦ ପାଇଁ ସୁପାରିସ କରି ଉକ୍ତ ବିଭାଗଟି ସତ୍ୟଜିତ ରାୟଙ୍କ ଚଳଚ୍ଚିତ୍ରର ‘ସୋନାର କିଲ୍ଲା’ ବୋଲି ବର୍ଣ୍ଣନା କରି ତାଙ୍କୁ (ମୁକୁଲ ରାୟ) ଆଙ୍ଗୁଠି ଦେଖାଉଛନ୍ତି। ଏଥିରେ ମମତା ବାନାର୍ଜୀ ଉତ୍ ?କ୍ଷିପ୍ତ ହୋଇ ପ୍ରଫେସରଙ୍କୁ ଏମିତି କୋର୍ଟ କ ?ଚରିରେ ଫସେଇଲେ ଯେ ବିଚାରା ଆଶୁତୋଷଙ୍କୁ ଏଥିରୁ ମୁକ୍ତ ହେବା ପାଇଁ ଦୀର୍ଘ ବାର ବର୍ଷ ଲାଗିଥିଲା। ଉଣେଇଶ ଶହ ଚାଳିଶ ମସିହାର କଥା। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ନାଜି ସମ୍ରାଟ ହିଟ୍ ?ଲ ?ଙ୍କ ଏକଛତ୍ରବାଦ ଶାସନ କଥା ଶୁଣିଲେ ଛାତି ଥରି ଉଠୁଥିଲା। ଠିକ୍ ଏହି ସମୟରେ ପୃଥିବୀ ପ୍ରସିଦ୍ଧ ହାସ୍ୟ ଅଭିନେତା ଚାର୍ଲି ଚାପ୍ ?ଲିନ୍ ? ‘ଦି ଗ୍ରେଟ୍ ?ଡିକ୍ ?ଟେଟ୍’ ନାମକ ଏକ ଚଳଚ୍ଚିତ୍ରରେ ନିଜେ ହିଟ୍ ?ଲ ?ଙ୍କ ମିମିକ୍ରି କରି ଏକଛତ୍ରବାଦ ବିରୋଧରେ ଏକ ଅଭୂତପୂର୍ବ ଭାଷଣ ଦେଇଥିଲେ। ଏହି ଚଳଚ୍ଚିତ୍ର ଜର୍ମାନୀ ସମେତ ଅନେକ ୟୁରୋପୀୟ ଦେଶରେ ନିଷିଦ୍ଧ ହୋଇଥିଲା, କିନ୍ତୁ ଏଥିରେ ଚାର୍ଲି ଚାପ୍ ?ଲିନ୍ ?ଙ୍କ ଅଭିନୟ ଏତେ ଜୀବନ୍ତ ହୋଇଥିଲା ଯେ ନିଷିଦ୍ଧ ହେବା ସତ୍ତ୍ୱେ କୋଟି କୋଟି ଲୋକ ଏହାକୁ ଗୁପ୍ତରେ ଦେଖୁଥିଲେ। ଆଜି ବି କୋଟି କୋଟି ସଂଖ୍ୟାରେ ଲୋକେ ତାକୁ ଦେଖୁଛନ୍ତି, କିନ୍ତୁ ଖୋଲାଖୋଲି। ମିମିକ୍ରି ସାଧାରଣତଃ ପ୍ରସିଦ୍ଧ ନେତା ଓ ଅଭିନେତାମାନଙ୍କୁ ନେଇ ହୋଇଥାଏ। ରାଜୁ ଶ୍ରୀବାସ୍ତବଙ୍କର ଅମିତାଭ ବଚ୍ଚନ ଓ ଶ୍ୟାମ ରଙ୍ଗିଲାଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନକଲ ଦେଖିଲେ ଆପଣ ହସି ହସି ବେଦମ ହୋଇଯିବେ। ରାହୁଲ ଗାନ୍ଧୀଙ୍କର ମିମିକ୍ରି ସାମାଜିକ ଗଣମାଧ୍ୟମରେ ଭର୍ତ୍ତି ହୋଇ ରହିଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି। ତାଙ୍କର ଧଳା କୁର୍ତ୍ତା ପାଇଜାମା ଓ ଓଡ଼ିଆ ଭାଷା କହିବାର ଶୈଳୀ ସହିତ ‘ଆପଣମାନେ ଖୁସି ତ ?’ ପ୍ରଶ୍ନ ଗଣମାଧ୍ୟମମାନଙ୍କରେ ବହୁତ ପ୍ରସାରିତ ହୋଇ ହସର ଖୋରାକ ଯୋଗାଉଛି। କାର୍ଟୁନ ହେଉ କି ମିମିକ୍ରି ହେଉ ଏହାକୁ ଅଯଥା ଦେହକୁ ନ ନେଇ ତୁରନ୍ତ ଭୁଲିଯିବା ଉଚିତ। ଯଦି ଆପଣ ହେୟଜ୍ଞାନ ନ କରି ଏହା ଉପରେ ଗୁଡ଼ାଏ ହୋହଲ୍ଲା କରିବେ ତେବେ ଏହାକୁ ନ ଦେଖିଥିବା ଲୋକ ବି ଖୋଜିଖୋଜି ଦେଖିବ ଓ ନ ପଢ଼ିଥିବା ଲୋକ ବି ଖୋଜି ଖୋଜି ପଢ଼ିବ। ଫଳରେ ଆପଣ ଥରେ ନୁହେଁ କି ଦି’ଥର ନୁହେଁ ବାରମ୍ବାର ଲୋକହସା ହେଉଥିବେ। ରାଜାଙ୍କ ବିଶ୍ୱସ୍ତ ପରିଚାରିକା ଚମ୍ପା ଥିଲା ଖନୀ ଓ ଖନେଇ ଖନେଇ କଥାବାର୍ତ୍ତା କରୁଥିଲା, ତେଣୁ ରାଜବାଟୀରେ ସମସ୍ତେ ତାକୁ ‘ଚ...ଚ...ଚମ୍ପା’ ବୋଲି ଅବିକଳ ତା’ରି ଭଳିଆ କହି ତାକୁ ଡାକୁଥିଲେ। ଚମ୍ପା ରାଜାଙ୍କୁ ଅଭିଯୋଗ କଲା। ରାଜା ତୁରନ୍ତ ଏକ ହୁକୁମନାମା ଜାରି କରି ରାଜ୍ୟରେ ଡେଙ୍ଗୁରା ଦେଇଦେଲେ ଯେ ଏଣିକି ଆଉ ଚମ୍ପାକୁ କେହି ଖନେଇ ଖନେଇ ‘ଚ...ଚ...ଚମ୍ପା’ ବୋଲି ଡାକି ପାରିବେ ନାହିଁ। ଅନ୍ୟଥା ଦଣ୍ଡ ମିଳିବ। ଏହାପରେ ଲୋକମାନେ ଯେତେବେଳେ ଚମ୍ପାକୁ ଦେଖିଲେ କହିବାକୁ ଲାଗିଲେ ‘ହେ ସାବଧାନ, ରାଜାଙ୍କ ହୁକୁମ, କେହି ଆଉ ତାକୁ ‘ଚ...ଚ...ଚମ୍ପା’ ବୋଲି ଡାକ ନାହିଁ। ସାରା ରାଜ୍ୟରେ ଏହା ଏମିତି ପ୍ରଚାର ହୋଇଗଲା ଯେ ଲୋକେ ରାଜପ୍ରାସାଦରେ ଚମ୍ପାକୁ ଦେଖିବା ଓ ଶୁଣିବା ପାଇଁ ଭିଡ଼ ଲଗେଇଦେଲେ କିନ୍ତୁ ପରସ୍ପରକୁ ସତର୍କ କରେଇ କହୁଥିଲେ ଯେ କେହି ଯେମିତି ତାକୁ ‘ଚ...ଚ...ଚମ୍ପା’ ବୋଲି ନ ଡାକନ୍ତି। କଥା ଏତେ ଦୂରକୁ ଗଲା ଯେ ଶେଷକୁ ଚମ୍ପା ଏହି ହୁକୁମନାମା ପ୍ରତ୍ୟାହାର କରିନେବା ପାଇଁ ରାଜାଙ୍କୁ ଅନୁରୋଧ କଲା କିନ୍ତୁ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବହି ଯାଇଥିଲା।

ଚିନ୍ମୟ ଚେତନା : ସ୍ୱଳ୍ପ ଅବଧିର ବିବାହ

କିଛିଦିନ ତଳେ ଗୋଟିଏ ଖବରକାଗଜରେ ଏକ ରୋଚକ ବୈବାହିକ ବିଜ୍ଞାପନ ବାହାରିଥିଲା, ଯାହାକି ଅଳ୍ପ କ୍ଷଣରେ ସାମାଜିକ ଗଣମାଧ୍ୟମଗୁଡ଼ିକରେ ଚା଼ଞ୍ଚଲ୍ୟ ସୃଷ୍ଟି କରିପକାଇଲା। ମୁମ୍ବାଇର ଗୋଟିଏ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାର ତାଙ୍କର କନ୍ୟା ପାଇଁ ବରପାତ୍ର ଖୋଜିବା ଉଦ୍ଦେଶ୍ୟରେ ଏହି ବିଜ୍ଞାପନଟି ବାହାର କରିଥିଲେ। ପୂର୍ବ ବିବାହରୁ ଛାଡ଼ପତ୍ର ହାସଲ କରିଥିବା କନ୍ୟାଟି ଥିଲା ବୁଦ୍ଧିମତୀ, ଶିକ୍ଷିତା ଓ ସୁନ୍ଦରୀ, ତା’ଛଡ଼ା ସେ ନିଜର ଅତିଥେୟତା ବ୍ୟବସାୟ ମଧ୍ୟ ଚଳାଉଥିବାର ସୂଚନା ମିଳିଥିଲା ଏହି ‘କ୍ଲାସିଫାଏଡ’ ବିଜ୍ଞାପନଟିରୁ। ବେଶ୍ ? ଭଲ କଥା, ଏପର୍ଯ୍ୟନ୍ତ ତ ପ୍ରସ୍ତାବଟି ଥିଲା ସ୍ୱାଭାବିକ ଓ ଆଜିକାଲି ସଚରାଚରେ ଦେଖିବାକୁ ମିଳୁଥିବା ବୈବାହିକ ବିଜ୍ଞାପନର ଆଉ ଏକ ଦୃଷ୍ଟାନ୍ତ। ହେଲେ ସେହି ବିଜ୍ଞାପନରେ ଥିବା ଏକ ଅଜବ ସର୍ତ୍ତ ସବୁ ପାଠକଙ୍କୁ କୌତୂହଳୀ ଓ ଚକିତ କରିଦେଇଥିଲା। ସର୍ତ୍ତଟି ଏଇୟା ଥିଲା ଯେ ଝିଅଟି ପାଇଁ ‘ସ୍ୱଳ୍ପ ଅବଧିର ବାହାଘର ପାଇଁ’ ବରପାତ୍ର ଲୋଡ଼ା। ବିବାହ ବିଜ୍ଞାପନର ଦୁନିଆଟି ବାସ୍ତବିକ ନାନା କୌତୁକିଆ ଉପାଦାନରେ ଭରା। ବିଜ୍ଞାପନଦାତାଙ୍କର କିଛି ଇଚ୍ଛାକୃତ, କିଛି ଅନିଚ୍ଛାକୃତ, ପୁଣି କିଛି ମୁଦ୍ରଣଜନିତ ପ୍ରମାଦ ଯୋଗୁଁ ଯେଉଁ ବିଜ୍ଞାପନଟି ଆମ ଆଗରେ ଉଭା ହୁଏ, ବେଳେବେଳେ ତାହା ଆମକୁ ଉଚ୍ଚ ମାନର ମନୋରଞ୍ଜନର ଖୋରାକ ଯୋଗାଇଥାଏ। ଏମିତି ରୋଚକ ବିଜ୍ଞାପନଗୁଡ଼ିକ ଭିତରୁ କେବଳ ଗୋଟିଏର ଦୃଷ୍ଟାନ୍ତ ଦେଲେ ବର୍ତ୍ତମାନ ପାଇଁ ଯଥେଷ୍ଟ ହେବ। ଗତ ବର୍ଷ ଗୋଟିଏ ଇଂରେଜୀ ସମ୍ବାଦପତ୍ରରେ ପ୍ରକାଶିତ ହୋଇ ଅନେକ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏହି ବିଜ୍ଞାପନ। ବିହାର ପ୍ରଦେଶରେ ଜନ୍ମିତ ଓ ବିଜ୍ଞାପନ ଜାରି ହୋଇଥିବା ସମୟରେ ନିଯୁକ୍ତି ପାଇଁ ଅପେକ୍ଷାରତ ୩୪ ବର୍ଷୀୟ ଜଣେ ଦନ୍ତ ଚିକିତ୍ସକ, ଡାକ୍ତର ଅଭିନବ କୁମାର ତାଙ୍କର ବିଜ୍ଞାପନଟି ମାଧ୍ୟମରେ ଯେଉଁ ସର୍ବଗୁଣ ସଂପନ୍ନା ପାତ୍ରୀଟି ଖୋଜୁଥିଲେ ତା’ର ବର୍ଣ୍ଣନା ସେ ଏହିପରି ଦେଇଥିଲେ : ଝିଅଟି ଅତୀବ ଗୌରବର୍ଣ୍ଣ, ସୁନ୍ଦରୀ, ମାତ୍ରାଧିକ ଅନୁଗତ, ବିଶ୍ୱସ୍ତ, ସ୍ନେହମୟୀ, ଯତ୍ନଶୀଳା, ସାହସୀ, ଶକ୍ତିଶାଳୀ ଓ ଧନବାନ ହୋଇଥିବା ଦରକାର। ତାଙ୍କର ଆବଶ୍ୟକତା ଭଲା ଏତିକିରେ ସରିଥାନ୍ତା ! ଡାକ୍ତର କୁମାରଙ୍କ ଆଶା କିନ୍ତୁ ଥିଲା ଅସରନ୍ତି। ତେଣୁ ସେ ଚାହୁଁଥିଲେ ଝିଅଟି ପୁଣି ହୋଇଥିବ ମାତ୍ରାଧିକ ଦେଶପ୍ରେମୀ, ତା’ ଭିତରେ ଥିବ ଭାରତର ସାମରିକ ଓ କ୍ରୀଡ଼ା କ୍ଷେତ୍ରରେ ସାମର୍ଥ୍ୟକୁ ଅଗ୍ରଗାମୀ କରିବାର ତୀବ୍ର ଅଭୀପ୍ସା, ସେ ହୋଇଥିବ ଦୃଢ଼ମନା, ଅଥଚ ଦୟାଶୀଳା, ଶିଶୁମାନଙ୍କୁ ଗଢ଼ିବାରେ ସେ ହୋଇଥିବ ଜଣେ ବିଶାରଦ ଓ ପୁଣି ରନ୍ଧନ କଳାରେ ନିପୁଣା। ହଁ, ଝିଅଟିର କୁଣ୍ଡଳୀ ପାତ୍ରଙ୍କ ସହ ରାଜଯୋଟକ ହେବା ଅପରିହାର୍ଯ୍ୟ। ମୁଁ ଅବଶ୍ୟ ଜାଣି ନାହିଁ, ବର୍ଷେ ତଳେ ଏହି ବିଜ୍ଞାପନ ଜାରି କରିଥିବା ଦନ୍ତ ଚିକିତ୍ସକଙ୍କର କନ୍ୟା ଖୋଜା ଆଜି କେଉଁ ସ୍ଥିତିରେ ପହଞ୍ଚିଛି; ହେଲେ ବିବାହ ବିଜ୍ଞାପନ ଦୁନିଆରେ ତାଙ୍କର କନ୍ୟା-ଯୋଗ୍ୟତା ସୂଚିଟି ଯେ ଏକ ‘କ୍ଲାସିକ’ର ସ୍ଥାନ ଗ୍ରହଣ କରିସାରିଛି, ଏହା ମୁଁ ଜୋର ଦେଇ କହିପାରେ। ଏବେ ଆସନ୍ତୁ ଫେରିବା ଆମର ପ୍ରଥମ ବିଜ୍ଞାପନଟି ଉପରକୁ। ବୈବାହିକ ବିଜ୍ଞାପନର ରସାଳ ଦୁନିଆରେ ଉପରୋକ୍ତ ‘ସ୍ୱଳ୍ପ ଅବଧିର ବାହାଘର’ ବିଜ୍ଞାପନଟି ଥିଲା ସମ୍ପୂର୍ଣ୍ଣ ଅଭିନବ। ତେଣୁ ଅଳ୍ପ ସମୟରେ ଇ[ରନେଟ୍ ? ବ୍ୟବହାରକାରୀଙ୍କ ଭିତରେ ଗୁଞ୍ଜରଣ ଖେଳିଗଲା ଓ ଏହି ଅଜବ ସର୍ତ୍ତର ଅସଲି ଉଦ୍ଦେଶ୍ୟ ଉପରେ ଆରମ୍ଭ ହୋଇଗଲା ନାନା କଳ୍ପନାଜଳ୍ପନା। ଏହା ଅବଶ୍ୟ ଥିଲା ଏକ ସ୍ୱାଭାବିକ ପ୍ରତିକ୍ରିୟା। ମଣିଷ ସମାଜରେ ସାଧାରଣତଃ ବିବାହ ସାରା ଜୀବନର ସମ୍ପର୍କ ସୃଷ୍ଟି କରିଥାଏ। ହିନ୍ଦୁ ସଂସ୍କୃତିରେ ବିବାହ ଜନ୍ମ-ଜନ୍ମାନ୍ତରର ବନ୍ଧନର ମୂଳଦୁଆ ପକାଇଥାଏ ବୋଲି ସମସ୍ତଙ୍କ ଧାରଣା। ଏମିତିକି ଅନ୍ୟାନ୍ୟ ଧର୍ମମାନଙ୍କରେ ମଧ୍ୟ ବିବାହ ଏକ ଚିରନ୍ତନ ସମ୍ପର୍କ



ବୋଲି ଧରିନିଆଯାଏ। ଖ୍ରୀଷ୍ଟିଆନ ଧର୍ମରେ ଏ ସମ୍ପର୍କକୁ ‘ମୃତ୍ୟୁ ଆମକୁ ଅଲଗା କରିବା ପର୍ଯ୍ୟନ୍ତ’ (ଟିଲ୍ ଡେଥ୍ ଡୁ ଅସ୍ ଆପାର୍ଟ ?) ବଜାୟ ରଖିବେ ବୋଲି ବର ଓ କନ୍ୟା ଶପଥ ନେଇଥାନ୍ତି। ହେଲେ ସଂକ୍ଷିପ୍ତୀକରଣର ଏହି ଯୁଗରେ କୌଣସି ସମ୍ପର୍କକୁ ଏତେ ଲମ୍ବା ଅବଧି ପର୍ଯ୍ୟନ୍ତ ଟାଣି ନେବାକୁ ଆଜି ଅନେକେ ରାଜି ନୁହନ୍ତି। ଦୁଇ ମିନିଟରେ ତିଆରି ହେଉଥିବା ମ୍ୟାଗି, ସଙ୍ଗେସଙ୍ଗେ ଉପଲବ୍ ?ଧ ହେଉଥିବା ଫାଷ୍ଟ ଫୁଡ୍, ତତ୍କାଳ ମିଳି ଯାଉଥିବା ଯାତ୍ରା ଟିକେଟ୍ ଓ ପାସପୋର୍ଟ ଇତ୍ୟାଦି ସହ ପରିଚିତ ଆଜିର ପିଢ଼ି କାହିଁକି ବିବାହ ବନ୍ଧନ ପାଇଁ ଆଜୀବନ ପ୍ରତିଶ୍ରୁତିବଦ୍ଧ ହୋଇ ରହିବେ ? ଆଜି ଆମ ସମାଜରେ ଦ୍ରୁତ ଗତିରେ ବଢ଼ି ଚାଲିଛି ବିବାହ ବିଚ୍ଛେଦର ହାର। ଆଧୁନିକ ପିଢ଼ିର ମଣିଷ ପରମ୍ପରାଗତ ପ୍ରଥାଗୁଡ଼ିକୁ ଭାବପ୍ରବଣତାର ସହ ଆପଣେଇ ନ ନେଇ ବଦଳିଥିବା ସାମାଜିକ ଦୃଶ୍ୟପଟରେ ସେଗୁଡ଼ିକର ଯୌକ୍ତିକତା କଥା ବିଚାର କରୁଛି। ବିବାହ ବିଚ୍ଛେଦ ତ ଖାଲି ସହଜ କଥା ନୁହେଁ, ତା’ ସହିତ ଜଡ଼ିତ ଅନେକ ନ୍ୟାୟିକ, ନୈତିକ, ପାରିବାରିକ ଓ ସାମାଜିକ ପ୍ରଶ୍ନମାନ। କୋର୍ଟ କଚେରୀ, ବିଚ୍ଛେଦ ପରର ଭରଣପୋଷଣ ଜନିତ ଦାବି ଓ ଦେୟ ଇତ୍ୟାଦି ଭଳି ଅନେକ ସମସ୍ୟା ଏହି ପ୍ରକ୍ରିୟାଟିକୁ ଜଟିଳ କରି ପକାଏ। ବୈବାହିକ ସମ୍ପର୍କର ଅବଧି ଯଦି ପୂର୍ବରୁ ନିର୍ଦ୍ଧାରିତ, ତେବେ ଏ ସବୁ ଯାବତୀୟ ଝାମେଲାରୁ ମୁକ୍ତି ମିଳିଲେ କ୍ଷତି କ’ଣ ? ପୂର୍ବରୁ ବିବାହ ବିଚ୍ଛେଦ ଭୋଗି ସାରିଥିବା ବିଜ୍ଞାପନର ପାତ୍ରୀ ଜଣକ ହୁଏତ ସେ ସମସ୍ୟାକୁ ଆଖିରେ ରଖି ଏମିତି ସ୍ୱଳ୍ପ ଅବଧିର ବିବାହ କଥା ଚିନ୍ତା କରିଛନ୍ତି। କିଏ ଜାଣେ ଆଜି ଆମ ଆଖିକୁ କୌତୁକପୂର୍ଣ୍ଣ ଲାଗୁଥିବା ଏହି ସର୍ତ୍ତଟି ଆଗାମୀ କାଲି ଏକ ସ୍ୱୀକାର୍ଯ୍ୟ ଧାରାର ଦ୍ୟୋତକ ନ ହେବ ?

ମାଟିର ବିସ୍ମୟ ଆଦିକବି ସାରଳା ଦାସ

ଓଡିଆ ଭାଷା ସାହିତ୍ୟର ଜନକରୂପେ ଆଦିକବି ସାରଳା ଦାସ ସୁପରିଚିତ । ତାଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ମାଟିର ଏହି ମହାକବି ସ୍ୱୀୟ ପ୍ରତିଭା ସ୍ଫୁରଣରେ ମା’ ସାରଳାଙ୍କ ଅପାର୍ଥିବ କୃପାର ଅଯାଚିତ ଅବଦାନକୁ ପାଥେୟକରି ନିଜର ମହାନୁଭବତାର ଯେଉଁ ଆଲେଖ୍ୟ ରଖିଯାଇଛନ୍ତି ତାର ପଟାନ୍ତର ନାହିଁ। ପଂଚଦଶ ଶତାବ୍ଦୀର ଏହି ମହାକବି ତତ୍କାଳୀନ ସଂସ୍କୃତ ଭାଷାର ପ୍ରାଧାନ୍ୟ ଓ ବ୍ରାହ୍ମଣ ସମାଜର ପ୍ରାଦୁର୍ଭାବକୁ ପ୍ରତିହତ କରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଆଗେଇ ଆସି ଯେଉଁ ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ନିଜର ଅନନ୍ୟ ପ୍ରତିଭାର ନିଦର୍ଶନ କରିଥିଲେ । ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି । ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ । କାରଣ ତାଙ୍କ ସ୍ୱୀକାରୋକ୍ତି ଅନୁସାରେ - “ଝଙ୍କଡ ଗ୍ରାମରେ ମୋର ଅଟଇ ବସତି ମୁର୍ଖଙ୍କ ଗୋଷ୍ଠିରେ ସଦା ଗଲା ଦିନରାତି ।” ପୁଣି ଜନ୍ମସ୍ଥାନ ସମ୍ପର୍କରେ କବି କହିଛନ୍ତି - ‘ପୁରୁରବା ସଚିଂତ ସେ ଝଙ୍କେରପୁର ଯାହା ବୋଲି ଶ୍ରୀଗିରିଜାର ଆଜ୍ଞାୟେ ମୁହିଁ ତହିଁ ଜନମିଲି ।’ ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ । ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି । ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାନ୍ତର କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା - ରାମାୟଣ, ମହାଭାରତ ଓ ଭାଗବତ । ସେ ଲେଖିଛନ୍ତି - “ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ ତୃତୀୟେ ଲିଖନ କଲି ଶିରୀ ଭାଗବତ ।” ଏଠାରେ ରାମାୟଣ ହେଉଛି ‘ବିଲଙ୍କା ରାମାୟଣ’, ଭାରତ ହେଉଛି ‘ମହାଭାରତ’ ଓ ଶିରୀ ଭାଗବତ ହେଉଛି ‘ଦେବୀ ଭାଗବତ’ ବା ‘ଚଣ୍ଡୀପୁରାଣ’ । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ ‘ସପ୍ତକାଣ୍ଡ ରାମାୟଣ’ ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି । ମାତ୍ର ସପ୍ତକାଣ୍ଡ ରାମାୟଣ ବିଷୟରେ ଅଧିକ ଆଲୋଚନା ହୋଇପାରି ନାହିଁ । ସାରଳା ଦାସ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ‘ବିଲଙ୍କା ରାମାୟଣ’ ପ୍ରଥମ । ଶିବପାର୍ବତୀଙ୍କ କଥୋପକଥନ ଛଳରେ ସମଗ୍ର ଗ୍ରନ୍ଥଟିର କଥାବସ୍ତୁ ପରିକଳ୍ପିତ । ଗ୍ରନ୍ଥର ଭାଷା ଅତି ସରଳ ଓ ସର୍ବଜନବୋଧ । ‘ସାରଳା ମହାଭାରତ’ କବିଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ ବୃହତ୍ତମ । ଏପରିକି ଏହା ଆକାରରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଠାରୁ ମଧ୍ୟ ବଡ । ବ୍ୟାସଙ୍କ ମହାଭାରତରେ ଶ୍ଳୋକ ସଂଖ୍ୟା ଏକଲକ୍ଷ ହୋଇଥିବା ବେଳେ ସାରଳା ଦାସଙ୍କ ପଦ ସଂଖ୍ୟା ଏକଲକ୍ଷ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ : ଅନିସ୍ ଉଜ୍ ଜମାନ୍‌ଙ୍କୁ ଗଙ୍ଗାଧର ଜାତୀୟ ସମ୍ମାନ

ସମ୍ବଲପୁର,୧୦/୧(ନି/ପ୍ର): ଏହି ସମ୍ମାନ କେବଳ ମୋ ପାଇଁ ନୁହେଁ, ସମଗ୍ର ଅହମିୟା ଜାତି ପାଇଁ ଏକ ଆନନ୍ଦ ଓ ଗୌରବର ବିଷୟ । ଆପଣମାନେ ମୋ ମାଧ୍ୟମରେ ସମଗ୍ର ଅହମିୟା ସାହିତ୍ୟ ଓ ସଂସ୍କୃତିକୁ ଶ୍ରଦ୍ଧା ଓ ସ୍ୱୀକୃତି ପ୍ରଦାନ କରିଛନ୍ତି । ଓଡ଼ିଶା ସହିତ ଆସାମର ଐତିହାସିକ ସଂପର୍କ ରହିଛି । ଲିପି ଭିନ୍ନ ହେଲେ ମଧ ଉଭୟ ଭାଷାରେ ଅନେକ ସାମଞ୍ଜସ୍ୟ ରହିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନଜନକ ଗଙ୍ଗାଧର ଜାତୀୟ ସମ୍ମାନ ଗ୍ରହଣ ଅବସରରେ ଆସାମର ବିଶିଷ୍ଟ କବି ଅନିସ୍ ଉଜ୍ ଜମାନ୍ ଏହା କହିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ଅନିସ୍ ଉଜ୍ ଜମାନ୍ କହିଛନ୍ତି, ଅହମିୟା ସାହିତ୍ୟ ଓ ସଂସ୍କୃତିର ମହାନାୟକ ଶ୍ରୀମନ୍ତ ଶଙ୍କରଦେବ ଗୋସାଇଁ ପୁରୀ ଜଗନ୍ନାଥ ଧାମରେ ବହୁବର୍ଷ ଅତିବାହିତ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପରିବେଶରେ ପ୍ରଭାବିତ ହୋଇ 'ଉରେସା ବର୍ଣ୍ଣନ' ଗ୍ରନ୍ଥ ରଚନା କରିଥିଲେ । ଆଧୁନିକ ଅହମିୟା ସାହିତ୍ୟର ମୁଖ୍ୟ ପୁରୋଧା ଲକ୍ଷ୍ମୀନାଥ ବେଜବରୁଆ ବହୁବର୍ଷ ସମ୍ବଲପୁରରେ ବସବାସ କରିଥିଲେ ବୋଲି ସେ କହିଥିଲେ । ମୁଖ୍ୟ ଅତିଥି ଭାବରେ ରାଉରକେଲା ଏନଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଯୋଗଦେଇ ପ୍ରତ୍ୟେକ ଆହ୍ୱାନକୁ ଗ୍ରହଣକରି ଜୀବନରେ ଅଗ୍ରସର ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇ ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ । ସମ୍ମାନିତ ଅତିଥି ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଓ ପ୍ରଫେସର ସଂଯୁକ୍ତା ଦାସ ବକ୍ତବ୍ୟ ପ୍ରଦାନ ଥିଲେ । ଏହି ପରିପ୍ରେକ୍ଷୀରେ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ ହରି ବେହେରାଙ୍କୁ ସ୍ୱର୍ଗତ ହରିବନ୍ଧୁ ସାହୁ ପୁରସ୍କାର ପ୍ରଦାନ କରାଯାଇଥିଲା । କଳା ଓ ସଂସ୍କୃତି ପାଇଁ ପ୍ରଦୀପ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଜମାନ୍‌ଙ୍କ ପତ୍ନୀ ପ୍ରଫେସର ଡ. ସାମିନ ଅଖତରଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚବିଦ୍ୟାଳୟର ୨୭ତମ କ୍ରୀଡାଉତ୍ସବ ଆୟୋଜିତ

ଅତାବିରା,୧୦/୧(ନି/ପ୍ର): ୦୯-୦୧-୨୦୨୪ ରିଖ ମଙ୍ଗଳବାର ଦିନ ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚବିଦ୍ୟାଳୟ ର ୨୭ ତମ ବିଦ୍ୟାଳୟ ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଯାଦବ ପ୍ରଧାନ ଉଦଘାଟନ କରିଥିଲେ ।

ଉଦଯାପନୀ ଉତ୍ସବରେ ବୁଗବୁଗା ସି.ଆର.ସି.ସି. ଶ୍ରୀଯୁକ୍ତ ନନ୍ଦିଘୋଷ ଭୁଏ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ର ଖେଳ ଶିକ୍ଷକ ରବି ନାରାୟଣ ପଧାନ ଖେଳ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ । ଶହେ ମିଟର ଦୌଡରେ ଛାତ୍ର ସଚିନ ପେରା, ଛାତ୍ରୀ ଅନ୍ନପୂର୍ଣ୍ଣା ଭୁଏ,ଚାରିଶହ ମିଟର ଦୌଡରେ ସୁମିତ୍ ଭୁଏ ଓ ଛାତ୍ରୀ ଅନ୍ନପୂର୍ଣ୍ଣା ଭୁଏ,ଉଚ୍ଚଡିଆଁ ରେ ନିଳାମୟ ଭୁଏ ଓ ଛାତ୍ରୀ ସ୍ମିସ୍ମାରାଣୀ ମହାପାତ୍ର ,ଲମ୍ବଡିଆଁ ରେ ନିଳାମୟ ଭୁଏ ଓ ଲକ୍ଷ୍ମୀ ମହାପାତ୍ର, ଦୁଇଶହ ମିଟର ଦୌଡରେ ଶ୍ରୀତମ ଭଏନା ଓ ଅନ୍ନପୂର୍ଣ୍ଣା ଭୁଏ, ଡିସ୍କସ ଥ୍ରୋ ରେ ଓମ୍ ସାହୁ ଓ ରଶ୍ମି ବିଶ୍ୱାଳ, ସଟପୁଟ ଥ୍ରୋ ରେ ଓମ୍ ସାହୁ ଓ ରଶ୍ମିତା ଜାନୀ ଏବଂ ରଶି ଡିଆଁ ରେ ବର୍ଷା କଠାର ଆଦି ଛାତ୍ରଛାତ୍ରୀ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ ।

ଆମ ଓଡିଶା ନବୀନ ଓଡିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କ ରାଇଘର ଗସ୍ତ

ରାଇଘର,୧୦/୧(ନି/ପ୍ର): ଓଡିଶାର ପୂର୍ବତନ ୫ଟି ସଚିବ ତଥା ଆମ ଓଡିଶା ନବୀନ ଓଡିଶାର ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଆଜି ହେଲିକେପ୍ଟର ଯୋଗେ ରାଇଘର ଗସ୍ତ କରିଛନ୍ତି ।ତାଙ୍କର ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ହୋଇଛି ।ଏହି କ୍ରମରେ ପୋଲିସ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି ।ନବରଙ୍ଗପୁର ଜିଲ୍ଲା ତଥା ଅନ୍ୟ ଜିଲ୍ଲାର ପୋଲିସ ଫୋର୍ସ ସହ ସିଆରପିଏଫ ଓ ଆଇ ଆର ବି ଯବାନ ମାନଙ୍କୁ ନିୟୋଜିତ କରାଯାଇଥିଲା ।ଆଜି ମଧ୍ୟାହ୍ନ ୧୨ଟା ୪୫ମିନିଟରେ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ରାଇଘର ସ୍ଥିତ ମିନି ଷ୍ଟାଡିୟମରେ ଅବତରଣ କରି ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ଓ ପ୍ରାୟ ୪୫ମିନିଟ ରହିବା ପରେ ଲକ୍ଷ୍ମୀପୁର ଗସ୍ତ କରିଥିଲେ ।୫ଟି ଅଧ୍ୟକ୍ଷଙ୍କ ଗସ୍ତର ଦୁଇଦିନ ପୂର୍ବରୁ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ତଥା ଜିଲ୍ଲା ପୋଲିସ ର ବରିଷ୍ଠ ଅଧିକାରୀମାନେ ରାଇଘର ଆସି ପ୍ରସ୍ତୁତି ର ସମୀକ୍ଷା କରିବା ସହିତ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ ।ସେହିପରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଜେଡି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଥିଲା ।୫ଟି ଅଧ୍ୟକ୍ଷ ସଭାରେ ଯୋଗଦେଇ ବିଗତ ବର୍ଷର ମାର୍ଚ୍ଚ ମାସରେ ରାଇଘର ଅଂଚଳବାସୀ ଅଭିଯୋଗ ଯାହାସବୁ ଅଭିଯୋଗ କରିଥିଲେ ତାହା ପୂରଣ କରାଯାଇଥିବା କରିଥିଲେ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସମୀକ୍ଷା : ୪ ଜିଲ୍ଲା ପ୍ରକଳ୍ପକୁ ନେଇ ତନାଘନା

ସମ୍ବଲପୁର,୧୦/୧(ନି/ପ୍ର): ପଶ୍ଚିମ ଓଡିଶାର ୪ ଟି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ । ଦେବଗଡ, ନୂଆପଡା, ଝାରସୁଗୁଡା, ସୁବର୍ଣ୍ଣପୁରର ବିଭିନ୍ନ ଲୋକାଭିମୁଖୀ ଭିତ୍ତିଭୂମିର ସମୀକ୍ଷା କରିବା ସହ ପ୍ରକଳ୍ପ ପାଇଁ ପରିଷଦ ପାଣ୍ଠିରୁ ଅନୁଦାନ ମଞ୍ଜୁର କରିଛନ୍ତି । ଖାରବେଳ ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ୪ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ବୈଠକରେ ଝାରସୁଗୁଡା ଜିଲ୍ଲାର ବ୍ରଜରାଜନଗରରେ ୪୦୦ ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ଏକ ଅଡିଟୋରିୟମ ନିର୍ମାଣ ପ୍ରସ୍ତାବକୁ ଗ୍ରହଣ କରାଯାଇଛି । ଅଡିଟୋରିୟମର ଛାତରେ ସୋଲାର୍ ପ୍ୟାନେଲ୍ ସଂଯୋଗ କରିବା ସହ ସମ୍ପୂର୍ଣ୍ଣ ଅଡିଟୋରିୟମକୁ ଶୂନ୍ୟ ନିର୍ଗମନ (ଜିରୋ ଏମିସନ୍) ଭିତ୍ତିରେ ହେବ । ସୁବର୍ଣ୍ଣପୁର ଜିଲ୍ଲାର ବିନକା ଓ ଡୁଙ୍ଗୁରିପାଲୀ ବ୍ଲକରେ ଶବଦାହ ନିମନ୍ତେ ସ୍ୱର୍ଗଦ୍ୱାର ପାଇଁ ସ୍ଥାନ ଚିହ୍ନଟ ହୋଇଛି । ଏଠାରେ ପରିମଳ ବ୍ୟବସ୍ଥା, ଜଳାଶୟ, ଶବଦାହ ପାଇଁ ବ୍ୟବହୃତ ସାମଗ୍ରୀ ଆଦିର ସୁବ୍ୟବସ୍ଥା କରାଯିବ । ଉଭୟ ସ୍ଥାନର ବିକାଶ



ପାଇଁ ପ୍ରତ୍ୟେକ ୯୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି । ତରଭାରେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ପାଠାଗାର ତଥା ରିଡିଂ ରୁମ୍ ନିର୍ମାଣ କରିବା ପାଇଁ ୮୩ ଲକ୍ଷ ୯୧ ହଜାର ଟଙ୍କା ମଞ୍ଜୁର ହୋଇଛି । ଦେବଗଡ ଜିଲ୍ଲାରେ ଇ-ପାଠାଗାର ହେବ । ଏହାକୁ ଜିଲ୍ଲା ପାଠାଗାର ଭାବେ ନିର୍ମାଣ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ନୂଆପଡା ଜିଲ୍ଲାର ସିନାପାଲି ବ୍ଲକରେ ଏକ ଟାଉନ୍ ହଲ୍ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି । ବୈଠକରେ ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାଏ, ଦେବଗଡ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଝାରସୁଗୁଡା ଜିଲ୍ଲାପାଳ ଏବୋଲି ସୁନୀଲ ନରବଣେ, ପରିଷଦର ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାଏକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ଢେଙ୍କିକୋଟରେ ଲୋକଙ୍କ ନିଦ ହଜାଇ ଦେଇଛି ଦନ୍ତା

ପାଟଣା,୧୦/୧(ନି/ପ୍ର): ଗତ ୩/୪ ଦିନ ହେଲା ଘଟଗାଁ ବନାଂଚଳ ସାନ ମସିଣାବିଲା ଜଙ୍ଗଲରେ ଡେରା ପକାଇଛି ଏକ ଦନ୍ତା ହାତୀ । ସୋମବାର ସନ୍ଧ୍ୟାରେ ଲଙ୍ଗଳକଂଟି ହୋଇ ଢେଙ୍କିକୋଟ ଅଂଚଳକୁ ପଶି ଆସିବା ଫଳରେ ସାଧାରଣ ଲୋକେ ଭୟଭୀତ ହୋଇଯାଇଥିବା ବେଳେ ବାଣ ଫୁଟାଇ ହାତୀ ପଲକୁ ଘଉଡାଇବାକୁ ମଧ ଚେଷ୍ଟା କରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ମଧ ସାନମସିଣାବିଲା ଜଙ୍ଗଲରେ ଏହି ହାତୀଟି ଥିବା ଢେଙ୍କିକୋଟ ବନପାଳ ଚିନ୍ନରଞ୍ଜନ ପରିଡା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଢେଙ୍କିକୋଟ ବଜାର ଅଂଚଳରେ ଘର କରି ରହୁଥିବା ମୁରଲୀଧର ସାହୁଙ୍କ ପାଚେରୀ ଭାଙ୍ଗିବାକୁ ଉଦ୍ୟମ କରୁଥିବାବେଳେ ହାତୀକୁ ଘଉଡ଼ାଇ ଦିଆ ଯାଇଥିଲା । ଏହି ହାତୀଟି ୪ ଦିନ ମଧରେ ସାନମସିଣାବିଲା ଛକ ଢ଼ାବା ପଛପଟେ ଗୋଟିଏ ଘରକୁ ୨ ଥର ଭାଙ୍ଗି ଦେଇଥିବାବେଳେ ସାନବରବେଡାରେ ମଧ ଗୋଟିଏ ଦୋକାନ ଭାଙ୍ଗିଛି । ସେହିପରି ମୀନା ମୁଣ୍ଡାଙ୍କ ଘର ମଧ ହାତୀ ଆକ୍ରମଣରେ ଆଂଶିକ ଭାଙ୍ଗିଥିବାବେଳେ ପଂଚାନନ ମୁଣ୍ଡାଙ୍କ ଘର ଭାଙ୍ଗି ହାତୀଟି ଧାନ ଓ ଚାଉଳ ଖାଇଥିବା ଅଭିଯୋଗ ହୋଇଥିଲା ।

ଜଗନ୍ନାଥ ମନ୍ଦିର ଠାରେ ଅର୍ପଣ ରଥ ର ଶୁଭାରମ୍ଭ କଲେ ବିଧାୟିକା ସ୍ନେହାଙ୍ଗୀନି ଓ ଗ୍ରାମ୍ୟ କମିଟି

ଅତାବିରା,୧୦/୧(ନି/ପ୍ର): ବରଗଡ ଜିଲ୍ଲା ଅତାବିରା ଏନଏସି ସ୍ଥିତ ୱାର୍ଡ ନମ୍ବର ଛଅ ରେ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ଙ୍କ ପୂଜାର୍ଚ୍ଚନା କରି ଅର୍ପଣ ରଥ ର ଶୁଭାରମ୍ଭ ହୋଇଅଛି । ଏହି ଅବସରରେ ଶତାଧିକ ଗ୍ରାମବାସୀ ତଥା ଜଗନ୍ନାଥ ଭକ୍ତ ଙ୍କ ଉପସ୍ଥିତିରେ ଗ୍ରାମ ସଂକୀର୍ତନ ମଣ୍ଡଳୀର ହରିବୋଲ ଓ ମହିଳାମାନଙ୍କ ହୁଳହୁଳି ମଧରେ ଅର୍ପଣ ରଥକୁ ୱାର୍ଡ ର ପରିକ୍ରମାର ଶୁଭାରମ୍ଭ କରାଯାଇଥିଲା । ରଥ ଶୁଭାରମ୍ଭ ହେବାପରେ ଅତିଥିବୃନ୍ଦ ଓ ଗ୍ରାମବାସୀ ପରିକ୍ରମା ପ୍ରକଳ୍ପ ପାଇଁ ରଥରେ ଅରୁଆ ଚାଉଳ ଓ ଗୁଆ,ପୁଷ୍ପ ପ୍ରଦାନ କରିଛନ୍ତି । ଏନଏସି ର ସମସ୍ତ ୱାର୍ଡ କୁ ରଥ ଯାଇ ପ୍ରତେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିବ ଯାହାକୁ ପରିଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ନିଆଯିବ । ଅତାବିରା ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଥମେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ଓ ରଥ ସମ୍ମୁଖରେ ପୂଜା କରି ରଥରେ ଅରୁଆ ଚାଉଳ ଓ ଗୁଆ ଦେଇଥିଲେ ଓ ତାଙ୍କ ସହିତ ଗ୍ରାମର ମହିଳାମାନେ ମଧ ଅର୍ପଣ ରଥରେ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ ଓ ଶେଷରେ ୱାର୍ଡ ଭ୍ରମଣ କରିଥିଲେ । ମୁଖ୍ୟଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥି ବନମାଳୀ ବରିହା,

କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ତାଣ୍ଡି,ଗ୍ରାମ୍ୟ କମିଟି ସଭାପତି ଦୈତାରୀ ପ୍ରଧାନ, ଶରତ ପ୍ରଧାନ, ରଘୁନାଥ ବିଶ୍ୱାଳ, ବିଜୟ ପ୍ରଧାନ, ସମସ୍ତ ଜଗନ୍ନାଥ ପ୍ରେମୀ, ଭକ୍ତମାନେ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଏନଏସି ର ସମସ୍ତ କର୍ମକର୍ତା ଉପସ୍ଥିତ ରହି ଅର୍ପଣ ରଥ ର ଶୁଭାରମ୍ଭ କରିଥିଲେ । ଏହି ରଥ ଏକ ସାମାନ୍ୟ ରଥ ନୁହେଁ ଏହା ହେଉଛି ଆମ ଅଂଚଳବାସିଙ୍କ ଏକତାର ପରିଚୟ, ଆମର ଧର୍ମ ପ୍ରତି ଜଗନ୍ନାଥ ମହାପ୍ରଭୁ ଙ୍କ ଭକ୍ତିର ଏକ ପରିଚୟ ଯେଉଁଥିରେ ଆମେ ଅରୁଆ ଚାଉଳ, ଗୁଆ, ଫୁଲ ଦେଇ ଆମେ ପୁରି ଧାମ ଯାଇନପାରିଲେ ମଧ ଘରେ ରହି ମାନସିକ କରି ମନସ୍କାମନା ପୂରଣ କରିପରିବା କାରଣ ପ୍ରଭୁ ଜଗନ୍ନାଥଙ୍କ ପାଇଁ ଆଜି ଓଡିଶା ତଥା ସମଗ୍ର ବିଶ୍ୱ ଗର୍ବ ମନେ କରୁଛନ୍ତି । ସାରା ଭାରତ ବର୍ଷର ହିନ୍ଦୁ ମାନଙ୍କର ଅନ୍ୟତମ ଧାମ ପୁରି ଶ୍ରୀକ୍ଷେତ୍ର ଯାହାକି ଚାରିଧାମରୁ ତିନିଧାମ ଦର୍ଶନ କରିଥିଲେ ମଧ ପୁରି ଧାମ ଦର୍ଶନ ନକରିଲେ ସେଥିରେ ସମ୍ପୂର୍ଣ୍ଣ ପୁଣ୍ୟ ମିଳେନାହିଁ ତେଣୁ ଗଜପତି ମହାରାଜ, ଶଙ୍କରାଚାର୍ଯ୍ୟ ଙ୍କ ଅନୁମତି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପୁରି ମନ୍ଦିର ଶ୍ରୀକ୍ଷେତ୍ର କୁ ପରିକ୍ରମା ପ୍ରକଳ୍ପ ଦ୍ୱାରା ଏକ ସୁନ୍ଦର ପରିଚୟ ପ୍ରଦାନ କରିଛନ୍ତି । ଏହି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ସତର ତାରିଖ ଦିନ ପୁରି ଶ୍ରୀମନ୍ଦିର ଠାରେ ଅନୁଷ୍ଠିତ ହେବ । ସମସ୍ତ ଜନସାଧାରଣ ଶ୍ରୀକ୍ଷେତ୍ରର ଏହି ପବିତ୍ର ଯଜ୍ଞ ଅନୁଷ୍ଠାନରେ ମାନସିକ ତଥା ଆଧ୍ୟାତ୍ମିକ ସ୍ତରରେ ମିଳିତ ହୋଇ ଏକ ହୋଇ ହିନ୍ଦୁ ଧର୍ମ ତଥା ଜଗନ୍ନାଥ ସଂସ୍କୃତିକୁ ବିସ୍ତାର କରିବାପାଇଁ ସମସ୍ତଙ୍କ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଅଛି । ଏହି ପବିତ୍ର ରଥ ଅତାବିରା ଏନଏସି, ବ୍ଲକ ସମସ୍ତ ଅଂଚଳକୁ ପରିକ୍ରମା କରିବ ଓ ଚାଉଳ,ଗୁଆ ସଂଗ୍ରହ କରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖାଯିବ ଓ ଶେଷରେ ଷୋହଳ ତାରିଖ ପୁରି ମନ୍ଦିର କୁ ପଠାଯିବ ବୋଲି ବିଧାୟିକା କହିଛନ୍ତି

ସଫେଇନାଳକୁ ଖସିଲା ବାଇକ୍; ଜଣେ ମୃତ, ଜଣେ ଗୁରୁତର

ପିପିଲି,୧୦/୧(ନି/ପ୍ର): ପିପିଲି-ଦାଣ୍ଡମୁକୁନ୍ଦପୁର ପର୍ତ୍ତ ବିଭାଗ ରାସ୍ତାର ଖଣ୍ଡିଆଗିରି ଗ୍ରାମ ନିକଟରେ ଥିବା ସଫେଇନାଳ ପୋଲ ତଳକୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍ ଖସି ପଡିବା କାରଣରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ୯ ତାରିଖ ରାତି ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପୁରୀ ଦିଗରୁ ପିପିଲି ଅଭିମୁଖେ ଯାଉଥିବା ଏକ ବାଇକ୍ କୌଣସି କାରଣରୁ ଭାରସାମ୍ୟ ହରାଇ ଖଣ୍ଡିଆଗିରି ନିକଟରେ ଥିବା ସଫେଇନାଲ ପୋଲ ତଳକୁ ଖସି ପଡିଥିଲା । ବାଇକ୍‌ଟି ପୋଲର କଂକ୍ରିଟ୍ ବାଡରେ ଘସି ହୋଇ ପ୍ରାୟ ଶହେ ଫୁଟ୍ ଦୂରକୁ ଛିଟିକି ଯାଇ ତଳେ ପଡିଥିଲା । ଖବର ପାଇ ପିପିଲି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲ ତଳୁ ଜଣେ ଯୁବକକୁ ଗୁରୁତର ଅବସ୍ଥାରେ

ଉଦ୍ଧାର କରି ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଅଧିକ ଗୁରୁତର ହେବାରୁ ସେହି ରାତିରେ ଉକ୍ତ ଯୁବକଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ସେଠାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଅଗ୍ନିଶମବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ଅନ୍ଧାର ରାତିରେ ଉକ୍ତ ସଫେଇନାଳରେ ଦୀର୍ଘ ସମୟ ଧରି ଖୋଜା ଖୋଜି କରିଥିଲେ ମଧ ଅନ୍ୟ କାହାରିକୁ ପାଇନଥିଲେ । ବୁଧବାର ସକାଳେ ଉକ୍ତ ସଫେଇନାଳ ପୋଲ ତଳେ ଦଳଭର୍ତ୍ତି ଜଳ ମଧ୍ୟରେ ଅନ୍ୟ ଜଣେ ଯୁବକ ଭାସୁଥିବାର ସ୍ଥାନୀୟ ଲୋକେ ଦେଖିବା ପରେ ଅଗ୍ନିଶମବାହିନୀ ଓ ପିପିଲି ପୁଲିସକୁ ଖବର ଦେଇଥିଲେ । ଅଗ୍ନିଶମବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଦଳଭର୍ତ୍ତି ଜଳ ମଧ୍ୟରୁ ଉକ୍ତ ଯୁବକକୁ ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଉକ୍ତ ବାଇକ୍‌ରେ ଥିବା ଦୁଇ ଯୁବକ ସଂପର୍କରେ ମାମୁଁ ଓ ଭଣଜା ହେବେ ବୋଲି ପୁଲିସକୁ ସୂଚନା ମିଳିଛି । ମାମୁଁଙ୍କ ଘର ନୟାଗଡ ଜିଲା ଗଣିଆ ଥାନା ଅନ୍ତର୍ଗତ ପତଣ୍ଡା (ପୁମାଚନ୍ଦ୍ରପୁର) ଗ୍ରାମରେ ହୋଇଥିବା ବେଳେ ଭଣଜାର ଘର ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ହୋଇଥିବା ସୂଚନା ମିଳିଛି । ତେବେ କିଏ ମୃତ ଓ କିଏ ଜୀବିତ ଅଦ୍ୟାବଧି ତାହା ସ୍ପଷ୍ଟ ହୋଇନଥିବା ବେଳେ ପରିବାର ଲୋକଙ୍କୁ ପୁଲିସ ଅପେକ୍ଷା କରିଥିବା ସୂଚନା ମିଳିଛି । ବାଇକ୍‌ଟି ଦ୍ରୁତ ଗତିରେ ଥିବାରୁ ଘନ କୁହୁଡିରେ ରାସ୍ତା ଜଣାନପଡିବାରୁ ପୋଲରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

ଟ୍ରାକ୍ଟର ଧକ୍କାରେ ଓଲଟିଲା ଆମ୍ବୁଲାନ୍ସ

ଝାରସୁଗୁଡ଼ା,୧୦/୧(ନି/ପ୍ର): ଆଜି ଦିନ ପ୍ରାୟ ୧ଟା ସମୟରେ ୪୯ ନଂ ଜାତୀୟ ରାଜପଥର ସଦର ଥାନା ସମ୍ମୁଖରେ ଏକ ଟ୍ରାକ୍ଟର ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଓଲଟି ପଡ଼ିଥିଲା । ଏହି ଘଟଣାରେ ଆମ୍ବୁଲାନ୍ସ ଚାଳକ

ଗୌରାଙ୍ଗ ସାହୁ, ଲଖନପୁରର ଶିଶୁ ଅର୍ପଣ କୌର ଓ ତାଙ୍କ ମା ଆହତ ହୋଇଥିଲେ । ଆହତଙ୍କୁ ସଦର ଥାନା ପୁଲିସ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଛି । ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ତଦନ୍ତ ଆରମ୍ଭ କରିଛି । ସେପଟେ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଧରି ପୁଲିସର ଜିମା ଦେଇଥିଲେ ।

ଅଙ୍ଗନବାଡ଼ି ଓ ଆଶାଦିଦିଙ୍କ ଦରମା ଖୁବ୍ ଶୀଘ୍ର ବଢ଼ିବ : ୫ଟି ଅଧ୍ୟକ୍ଷ

ରାଇଘର,୧୦/୧(ନି/ପ୍ର): ଅଙ୍ଗନବାଡ଼ି ଓ ଆଶାଦିଦିମାନଙ୍କର ଦରମା ଖୁବ୍ ଶୀଘ୍ର ବଢ଼ିବ । ଏହା ଦ୍ୱାରା ରାଜ୍ୟର ଲକ୍ଷାଧିକ କର୍ମଚାରୀ ଉପକୃତ ହେବେ । ରାଜ୍ୟ ସରକାର ଏଦିଗରେ କାମ କରୁଛନ୍ତି । ନବରଙ୍ଗପୁର ଜିଲ୍ଲା ଗସ୍ତରେ ୫ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ୍ ମଙ୍ଗଳବାର ଏହି ଘୋଷଣା କରିଛନ୍ତି । ରାଇଘର ମିନି ଷ୍ଟାଡିୟମରେ ଆୟୋଜିତ ଧନ୍ୟବାଦ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ କହିଛନ୍ତି, ଆଗକୁ ଆଶାଦିଦି ଓ ଅଙ୍ଗନବାଡ଼ି କର୍ମୀଙ୍କ ଦରମା ବଢ଼ିବ । କମ୍ୟୁନିଟି ସେଂଟର କର୍ମଚାରୀମାନଙ୍କର ମଧ ଦରମା ବୃଦ୍ଧି ହେବ । ଏମ୍‌ବିକେ ଓ ସିଆରପିଙ୍କ ଦରମା ବୃଦ୍ଧି ପାଇଁ ଯୋଜନା ଚାଲିଛି । ମଧୁବାବୁ ପେନ୍‌ସନ୍ ମଧ ବୃଦ୍ଧି ହେବ । ସେହିଭଳି ପାଚିକାମାନଙ୍କର ଦରମା ବଢ଼ାଇବା ପାଇଁ ସରକାର ଚିନ୍ତା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ ଶୀଘ୍ର ଦରମା ବୃଦ୍ଧି କରିବେ । ସୂଚନାଯୋଗ୍ୟ, ନବରଂଗପୁର ଜିଲ୍ଲା ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ

ପାଇଁ ଆଜି ରାଇଘରରେ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାର ଲୋକଙ୍କର ସମାଗମ ହୋଇଥିଲା । ଶ୍ରୀ ପାଣ୍ଡିଆନ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଘୋଷଣା ପରେ ଆଶା, ଅଙ୍ଗନବାଡ଼ି, ପାଚିକାମାନେ ଉତ୍ସାହିତ ଦେଖାଯାଇଛନ୍ତି ।

ନବୀନ କାର୍ଡ ପାଇଁ ଆବେଦନ କଲେଣି ୧.୮୨ ଲକ୍ଷ ଆବେଦନକାରୀ

ଭୁବନେଶ୍ୱର,୧୦/୧(ନି/ପ୍ର): - ବିଏସକେୱାଇ ନବୀନ କାର୍ଡ ପାଇଁ ୪ ଦିନରେ ୧.୮୨ ଲକ୍ଷ ପଞ୍ଜିକରଣ ହୋଇଛି । ସମସ୍ତ ୩୦ ଜିଲ୍ଲାରୁ ୭୦,୪୮୮ ଟି ଆବେଦନ ମାଧ୍ୟମରେ ୧.୮୨ ଲକ୍ଷ ଲୋକଙ୍କ ନାମ ପଞ୍ଜିକରଣ ହୋଇଛି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ପଞ୍ଜିକରଣ ହୋଇଛି । ଏହି ଜିଲ୍ଲାରେ ୯୫୨୫ ଆବେଦନହୋଇଥିବା ବେଳେ କଟକ ଜିଲ୍ଲାରୁ ୭,୩୫୯ଓ ଖୋର୍ଦ୍ଧା ଜିଲ୍ଲାରୁ ୭,୧୬୫ ଆବେଦନ ହୋଇଛି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନବୀନ କାର୍ଡ ପାଇଁ ଆବେଦନ କରିହେବ ।

ନିଖୋଜ ନାବାଳିକାର ମୃତ ଦେହ ଉଦ୍ଧାର

ସୁନ୍ଦରଗଡ଼, ୧୦/୧ (ନି/ପ୍ର) :ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମରୁ ମଙ୍ଗଳବାର ଦିନ ନିଖୋଜ ଥିବା ନବାଳିକାର ମୃତ ଦେହ କୁସୁନା ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଇତମା ଗାଁର ଜଣେ ୧୭ ବର୍ଷୀୟ ଝିଅ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଲୋକେ ଖୋଜି ନପାଇବାରୁ ବଡ଼ଗାଁ ଥାନାରେ ରିପୋର୍ଟ କରିଥିଲେ । ଆଜି ସକାଳେ ସୂଚନା ପାଇ ପୋଲିସ ଉକ୍ତ ନାବାଳିକାର ମୃତ ଦେହକୁ କୁସୁନା ଜଙ୍ଗଲରୁ ଉଦ୍ଧାର କରିଥିଲେ । କିଛି ଲୋକ ଉକ୍ତ ଝିଅକୁ ଗତକାଲି ପାଖ ଗାଁର ଏକ ପିଲା ସାଙ୍ଗରେ ଥିବାର ଦେଖିଥିଲେ । ପରିବାର ଲୋକେ ତାଙ୍କ ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରା ଯାଇଥିବାର ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପୋଷ୍ଟମର୍ଟମ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ପୋଲିସ କହିଛି ।

ଫର୍ଟିଲାଇଜର ଅଂଚଳର ବିଭିନ୍ନ ସମସ୍ୟା ନେଇ ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କଲେ ପ୍ରଶାନ୍ତ

ରାଉରକେଲା, ୧୦/୧ (ନି/ପ୍ର) :ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫାର୍ଟିଲାଇଜ଼ର ଅଚଂଳର ବିଭିନ୍ନ ସମସ୍ୟା ନେଇ ଆଜି ରାଉରକେଲା ମହାନଗର ନିଗମ ର କମିଶନର ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବି ରେ ଫର୍ଟିଲାଇଜର ଅଚଂଳର ଜନସାଧାରଣ ରାଉରକେଲା ପର୍ଯ୍ୟନ୍ତ ଯିବା ଆସିବା ନେଇ ମୋ ବସ୍ ସେବା ମଙ୍ଗଳା ଛକ ପର୍ଯ୍ୟନ୍ତ ଯାଉଛି । ଏହି ସେବା କୁ ଆଇଡ଼ିଏଲ, ଲୋକନାଥ ମାର୍କେଟ ଦେଇ ତାରାପୁର ଗେଟ ପର୍ଯ୍ୟନ୍ତ ଯୋଗାଇଦେଲେସେ ଅଚଂଳର ଜନସାଧାରଣ ବହୁ ମାତ୍ରାରେ ଉପକୃତ ହୋଇପାରନ୍ତେ । ମର୍ଡନ ଇଣ୍ଡିଆ, ଲେବର କଲୋନୀ,ଲକ୍ଷ୍ମୀ ମାର୍କେଟ ବସ୍ତି ଅଚଂଚରେ ସରକାରଙ୍କ ତରଫରୁ ଗୋଟିଏ ଲେଖାଏଁ ଡଷ୍ଟବିନ ର ସୁବିଧା ହେଲେ ଜନସାଧାରଣ ଅଳିଆ ଆବର୍ଜନା ଏପଟ ସେପଟ ନପକାଇ ଗୋଟିଏ ଜାଗାରେ ନ ପକାଇ ଅଚଂଳର ସ୍ୱଛତା ବଜାୟ ରହିପାରନ୍ତା । ଏହି ଅଚଂଳ ରେ ଅଳିଆ ଉଠେଇବା ଗାଡି ମଧ ପଠାଯାଇ ପାରିଲେ ଅଚଂଳ ବାସୀ ଅଳିଆ ଆବର୍ଜନା କୁ ସଠିକ୍ ଭାବେ ଗାଡି ରେ ଦେଇ ପାରନ୍ତେ ।ଏହି ଅବସରରେ ବିନତା ଜେନା, ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ, ତନ୍ମୟ ସେଠୀ, ପ୍ରତାପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

ସୀମାନ୍ତରେ ମାତିଲେ ମାଓବାଦୀ: ଯୁବକଙ୍କୁ ଗୁଳି କରି ହତ୍ୟା କଲେ

ରାଉରକେଲା, ୧୦/୧ (ନି/ପ୍ର): ଓଡ଼ିଶା -ଝାରଖଣ୍ଡ ସୀମାନ୍ତ ଜରେଇକେଲା ସମଠା ଗାଁରେ ସଶସ୍ତ୍ର ମାଓବାଦୀ ହିଂସାକାଣ୍ଡ ଭିଆଇଛନ୍ତି । ପୁଲିସ ଇନଫର୍ମର ସନ୍ଦେହରେ ଘରେ ପଶି ଜଣେ ଯୁବକଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଏମିତି ଘଟଣା ଘଟିଛି । ମୃତକ ହେଲେ ମେନସନ ଭେଙ୍ଗରା (୩୦) ।ମାଓବାଦୀ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ । ଗୋଟିଏ ଗୁଳି ତାଙ୍କ ମୁଣ୍ଡ ଓ ଅନ୍ୟ ଗୁଳି ଛାତିରେ ବାଜିଥିଲା । ସେଠାରେ ମାଓବାଦୀ ନକ୍ସଲ ପୋଷ୍ଟର ଛାଡ଼ି ଯାଇଛନ୍ତି । ମୃତ ଯୁବକ ମାଓବାଦୀ ନାଁରେ ଚାନ୍ଦା ମାଗି ଗତ ୨୦୨୩ ମେ ମାସରେ ଜେଲ ଯାଇଥିଲେ । ଗତ ଦୁଇ ମାସ ତଳେ ଜେଲରୁ ବାହାରିଥିଲେ । ସିଆରପିଏଫ ଓ ଝାରଖଣ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ବଣାଇ ଡିଭିଜନରେ ପକ୍ଷୀ ଗଣନା ଆରମ୍ଭ

ସୁନ୍ଦରଗଡ଼, ୧୦/୧ (ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣାଇ ଡିଭିଜନରେ ଆରମ୍ଭ ହୋଇଛି ପକ୍ଷୀ ଗଣନା । ଡିଭିଜନ ରେ ଥିବା ବଣାଇ, ତାମରା, କୁଳିପୋଷ, କୋଇଡା, ଯରଡ଼ା ସମତେ ୭ଟି ରେଞ୍ଜରେ ଆରମ୍ଭ ହୋଇ ଥିବା ପକ୍ଷୀ ଗଣନାରେ ବନ ଅଧିକାରୀ ମାନେ ସାମିଲ ହୋଇଛନ୍ତି । ରେଞ୍ଜର , ଫରେଷ୍ଟର, ଫରେଷ୍ଟ ଗାର୍ଡଙ୍କ ସମେତ ୬୨ ଜଣ କର୍ମଚାରୀ ଏହି ପକ୍ଷୀ ଗଣନାରେ ନିୟୋଜିତ ହୋଇଛନ୍ତି । ସେହିପରି ରାଉରକେଲା ଡିଭିଜନ ବାଙ୍କୀ ରେଞ୍ଜର ବିଭିନ୍ନ ସ୍ଥାନରେ ମଧ ଏହି ପକ୍ଷୀ ଗଣନା ଚାଲିଛି । ଏହି ସୂଚନା ଦେଇଛନ୍ତି ବଣାଇ ଡିଏଫଓ ଲଳିତ କୁମାର ପାତ୍ର ।

ଏକତା ଫାଉଣ୍ଡେସନ ଟ୍ରଷ୍ଟର ବନ୍ଧୁମିଳନ କାର୍ଯ୍ୟକ୍ରମ

ରାଉରକେଲା, ୧୦/୧ (ନି/ପ୍ର) : ସହରର ଅଗ୍ରଣୀ ମହିଳା ସାମାଜିକ ଅନୁଷ୍ଠାନ ଏକତା ଫାଉଣ୍ଡେସନ ଟ୍ରଷ୍ଟର ବନ୍ଧୁମିଳନ କାର୍ଯ୍ୟକ୍ରମ ଝିରପାଣି ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବସୁମତୀ ମହାନ୍ତି ଙ୍କ ଅଧକ୍ଷତା ଓ ସୁଲତା ପତି, ପ୍ରିୟଦର୍ଶିନୀ ଦାସ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନବ ସେବା ପ୍ରତିଷ୍ଠାନର ଅନ୍ତେବାସୀ ଙ୍କ ସହରର ବହୁ ଜଣାଶୁଣା ବ୍ୟକ୍ତିବିଶେଷ ମାନେ ଯୋଗ ଦେଇ ଭାବ ବିନିମୟ ସହ ମଉଜ ମସ୍ତି କରିଥିଲେ । ଏହି ଅବସରରେ ମାନବସେବା ପ୍ରତିଷ୍ଠାନର ଅନ୍ତେବାସୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ ସଠିକ ଉତ୍ତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ମ୍ୟୁଜିକ ଚେୟାର, ନୃତ୍ୟଗୀତ ଓ ନୂଆବର୍ଷ ଉପଲକ୍ଷେ କେକ୍ କଟାଯାଇଥିଲା । ଏହି ଅବସରରେ ସୁଦିନ ଶର୍ମା ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ଶାନ୍ତିଲତା ବେହେରା, ଜୋୟା ତ୍ରିପାଠୀ, ବନଜା ବିଶ୍ୱାଳ, ସୁଚିସ୍ମିତା ପଣ୍ଡା,ମିତା ଶର୍ମା, ମନୋଜ ମହାନ୍ତି, ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ହୃଷିକେଶ ରାୟ ଉଚ୍ଚ ମାଧମିକ ବିଦ୍ୟାଳୟର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ

ରାଉରକେଲା, ୧୦/୧ (ନି/ପ୍ର) :ଛେଣ୍ଡ ସ୍ଥିତ ହୃଷିକେଶ ରାୟ ଉଚ୍ଚ ମାଧମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ବାଳକ ବିଭାଗ ଦ୍ୱାରା ସପ୍ତ ଦିବସୀୟ ଶୀତକାଳୀନ ସ୍ୱତନ୍ତ୍ର ଶିବିର ନିକଟସ୍ଥ ଧାମରା ବସ୍ତି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଫେଇ,କଲେରା ସଚେତନତା ରାଲି ଓ ସଭା, ନିଶା ନିବାରଣ ରାଲି, ସାକ୍ଷରତା ସର୍ଭେ ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ମହାବିଦ୍ୟାଳୟର ୨୫ଜଣ ଛାତ୍ର ସ୍ୱେଚ୍ଛାସେବୀ ଅହୋରାତ୍ର ନିକଟସ୍ଥ ସ୍ୱାମୀ ରାମକୃଷ୍ଣ ମେମୋରିଆଲ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅବସ୍ଥାନ କରିଥିଲେ । ସେମାନଙ୍କ ସହ ଏନଏସଏସ ପ୍ରୋଗ୍ରାମିଙ୍ଗ ଅଫିସର ଅଧାପକ ହରିଶ ଚନ୍ଦ୍ର ମିଶ୍ର, ରଣଜିତ ପ୍ରସାଦ ପଲାଇ, କର୍ମଚାରୀ ସୁଧାଂଶୁ ଶେଖର ସାମଲ ମଧ ଅବସ୍ଥାନ କରିଥିଲେ । ବର୍ତ୍ତମାନ ରାଉରକେଲାରେ କଲେରା ବ୍ୟାପିଥିବାରୁ ସ୍ୱେଚ୍ଛାସେବୀ ମାନେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସଂପୃକ୍ତ ପ୍ରଭାରୀ ମହେନ୍ଦ୍ର ବାଗ୍ ଓ ତିରୋମଣି ପ୍ରଧାନଙ୍କ ସହଯୋଗରେ ସଭା ଓ ରାଲି ଅନୁଷ୍ଠିତ କରିଥିଲେ । ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଭବେଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତା କରିଥିବା ବେଳେ ମଧୁସୂଦନ ପାଠାଗାରର ସମ୍ପାଦକ ବିଜୟ କୁମାର ବରାଳ ମୁଖ୍ୟଅତିଥି ଓ ସତ୍ୟାନନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦୁବେ ଓ ପ୍ରମୋଦିନୀ ତ୍ରିପାଠୀ ମଚାଂସୀନ ଥିଲେ । ସ୍ୱେଚ୍ଛାସେବୀ ମାନଙ୍କୁ ମୁଖ୍ୟଅତିଥି ଶ୍ରୀ ବରାଳ ତାଙ୍କ ବକ୍ତବ୍ୟରେ ଅଧୟନ ସହ ସାମାଜିକ କାର୍ଯ୍ୟକ୍ରମ ନିୟୋଜିତ ହେବାପାଇଁ ପରାମର୍ଶ ଦେଇଥିଲାବେଳେ ମୁଖ୍ୟ ବକ୍ତା ଶ୍ରୀ ବେହେରା ସାମାଜିକ କାର୍ଯ୍ୟକ୍ରମ ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ ବୋଲି ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ ପ୍ରଦୀପ କୁମାର ମହାନ୍ତି, ରଜନୀକାନ୍ତ ମିଶ୍ର,ଚିନ୍ମୋହନ ମିଶ୍ର, ସୁବାସ ଚନ୍ଦ୍ର ସାମଲ, କର୍ମଚାରୀ ଜ୍ୟୋତିଷ କୁମାର ଦାସ, ଅଜୟ ସୁନ୍ଦରରାୟ,ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ସପ୍ତ ଦିବସୀୟ କାର୍ଯ୍ୟକ୍ରମରେ ଉଦଘାଟନୀ ଉତ୍ସବରେ ଅଧାପକ ଚନ୍ଦ୍ରଧ୍ୱଜ ମାଝୀ ମୁଖ୍ୟଅତିଥି ଓ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ର ଉପସଭାପତି କୁଞ୍ଜବିହାରୀ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଏନଏସଏସ ପ୍ରୋଗ୍ରାମିଙ୍ଗ ଅଫିସର ହରିଶ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

ଫେବୃୟାରୀ ୨ ରୁ ୨୯ତମ ପୁସ୍ତକ ମେଳା

ରାଉରକେଲା, ୧୦/୧ (ନି/ପ୍ର) : ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ରାଉରକେଲା ପୁସ୍ତକ ମେଳା ଆସନ୍ତା ଫେବୃୟାରୀ ମାସ ୨ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଭଞ୍ଜଭବନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପୁସ୍ତକ ମେଳାରେ ଓଡ଼ିଶାର ସମସ୍ତ ପୁସ୍ତକ ପ୍ରକାଶନ ଓ ବିକ୍ରେତା ମାନଙ୍କୁ ଯୋଗଦେବାକୁ ଆଦର୍ଶ ପାଠାଗାର ଓ ଭଞ୍ଜ ସାଂସ୍କୃତିକ ନ୍ୟାସ ତରଫରୁ ଅନୁରୋଧ କରାଯାଇଛି । ଯେଉଁ ପ୍ରକାଶକ ଓ ବିକ୍ରେତା ମାନେ ଏହି ମେଳାରେ ଯୋଗ ଦେବାକୁ ଚାହୁଁଛନ୍ତି ନିର୍ଦ୍ଧାରିତ ଫର୍ମରେ ସମ୍ମତି ପ୍ରଦାନ କଲେ, ପାଠାଗାର ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଆଦର୍ଶ ପାଠାଗାର ର ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ମୋବାଇଲ ନଂ ୯୮୬୧୧୫୮୧୦୪ କିମ୍ବା ସଭାପତି ଚନ୍ଦ୍ର ଶେଖର ଶତପଥୀ ମୋବାଇଲ ନଂ ୮୮୯୫୫୦୧୩୯୭ ରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି ।

ମହାତ୍ମା ଗାନ୍ଧୀ ଜୟନ୍ତି କମିଟି ପାଳିଲା ଦିଲିପ ରାୟଙ୍କ ୭୧ ତମ ଜନ୍ମ ଦିବସ ପାଳିତ

ରାଉରକେଲା, ୧୦/୧ (ନି/ପ୍ର): ମହାତ୍ମାଗାନ୍ଧୀ ଜୟନ୍ତି କମିଟି ଆନୁକୂଲ୍ୟରେ ପୁର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ଷିୟାନ ରାଜନୀତିଜ୍ଞ ଦିଲିପ ରାୟଙ୍କ ୭୧ ତମ ଜନ୍ମ ଦିବସ ମହାସମାରୋହରେ ପାଳିତ ହୋଇଛି । ହୋଟେଲ ସୋଲେସ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଅଦ୍ଧ୍ୟକ୍ଷତା କରି ଦିଲିପ ରାୟଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରି ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ପ୍ରାରମ୍ଭରେ କମିଟିର ସାଧାରଣ ସଂପାଦିକା ସବିତା ଖାତୁନ ନିଜ ବକ୍ତବ୍ୟରେ ଦିଲିପ ରାୟଙ୍କୁ ଜଣେ ଉତମ ବନ୍ଧୁ, ପରୋପକାରୀ ଓ ନିଆରା ବିଚାରଧାରାର ମଣିଷ ବୋଲି କହିଥିଲେ । ଆଗାମି ଦିନରେ ତାଙ୍କର ଦୃଢ ନେତୃତ୍ୱ ଆମକୁ ଆହୁରି ସଶକ୍ତ କରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ପୈରପାଳିକାର ପୁର୍ବତନ କାଉନସିଲର ଏମ.ଡି ଅସଲମ ନିଜ ବକ୍ତବ୍ୟରେ ଦିଲିପ ରାୟଙ୍କ ଆଚରଣ ଓ ଉଚ୍ଚାରଣ ଯୋଗୁଁ ସେ ସମସ୍ତଙ୍କ ଅତ୍ୟନ୍ତ ପ୍ରୀୟ । ଖାଲି ସାଧାରଣ ଲୋକ ନୁହନ୍ତି ବିଭିନ୍ନ ରାଜନୈତିକ ଦଳର ନେତା ମଦ୍ଧ ତାଙ୍କୁ ବହୁତ ଭଲ ପାଆନ୍ତି । ତେଣୁ ତାଙ୍କ ଭଳି ଜଣେ ନେତା ଓ ସହଯୋଗୀ ପାଇବା ଅତ୍ୟନ୍ତ କଷ୍ଟ ବୋଲି କହିଥିଲେ । ଆଇନଜୀବୀ ଶୈଳେନ୍ଦ୍ର ମହାନ୍ତି ଦିଲିପ ରାୟଙ୍କୁ ବିକଶିତ ଚିନ୍ତାଧାରାର ଜଣେ ପ୍ରକୃତ ମଣିଷ ବୋଲି କହିଥିଲେ । ଏଇ ଅବସରରେ ତାଙ୍କର ଜନ୍ମ ଦିବସ ଉପଲକ୍ଷେ ପ୍ରସ୍ତୁତ କେକ୍ କାଟି ତାଙ୍କର ଦୀର୍ଘ ଜୀବନ କାମନା କରାଯାଇଥିଲା । ସମାଜସେବୀ ବିଜୟ ଖୁଂଟିଆ,ପୁର୍ବତନ କାଉନସିଲର ସ୍ମୃତା ନାୟକ, ସମାଜସେବୀକା ତାରା କ୍ରୀଷ୍ଣା ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା, ଗଣ ମାଦ୍ଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଆକବର ଖାଁ, ଖୁର୍ସିଦା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କମିଟିର କୋଷାଦ୍ଧ୍ୟକ୍ଷ ଚିନ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେପି କୃଷକ ମୋର୍ଚ୍ଚ ତରଫରୁ ଜିଲ୍ଲାପାଳଙ୍କୁ ୮ଦଫା ଦାବିପତ୍ର

କେନ୍ଦ୍ରାପଡ଼ା, ୧୦/୧ :କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚ ତରଫରୁ ଏକ ୮ଦଫା ଦାବିପତ୍ର ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ସାଧାରଣ ସଂପାଦକ ବିଚିତ୍ର କୁମାର ପ୍ରଧାନ, ଉପ ସଭାପତି ଶ୍ରୀକାନ୍ତ ସଭାପତିଙ୍କ ସମେତ ଗୀତାଞ୍ଜଳୀ ଦାସ, ବୀଣାପାଣି ମୁଦୁଲି ପ୍ରମୁଖ ଉପସ୍ଥିତ ରହି ବିଳମ୍ବରେ ମଣ୍ଡି ଖୋଲିବା, ୫୦ କ୍ୱିଂଟାଲ ଧାନ ମଣ୍ଡିକୁ ଦେବାକୁ ଅନୁମତି, କଟଣୀ ଛଟଣୀ ନକରିବା, କୃଷକମାନଙ୍କୁ ପରିବହନ ଓ ଅଖା ସୁତୁଲି ଅର୍ଥ ପ୍ରଦାନ,

ସେଲ ଆରଏସପିରେ ଜିଇଡ଼ିସିଓଏଲ ସେଲ ପାୱାର୍ କର୍ପୋରେସନ୍ ଲିମିଟେଡ୍ ପାଇଁ ଭୂମି ପୂଜା ସମ୍ପନ୍ନ -ମନ୍ଦିରା ଜଳଭଣ୍ଡାରରେ ସ୍ଥାପିତ ହେବ କ୍ଷୁଦ୍ର ଜଳ ବିଦ୍ୟୁତ ପ୍ରକଳ୍ପ

ରାଉରକେଲା, ୧୦/୧ (ନି/ପ୍ର) :ଜିଇଡ଼ିସିଓଏଲ ସେଲ ପାୱାର୍ କର୍ପୋରେସନ୍ ଲିମିଟେଡ୍ (ଜିଏସପିସିଏଲ) ପାଇଁ ଭୂମି ପୂଜା ସମାରୋହ ଜାନୁଆରୀ ୯ ତାରିଖରେ ମନ୍ଦିରା ଜଳଭଣ୍ଡାରରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ଦ୍ୱାରା ଭୂମି ପୂଜା ସମ୍ପନ୍ନ ହୋଇଛି । ଏହି ଅବସରରେ ଓଏଚପିସିଏଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅମରେଶ କୁମାର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିନ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସିଓ-ସିସିଡ଼ି ବିଭାଗର ସିଜିଏମ ଶ୍ରୀ ଆଇ ରାଜନ, ଓଏଚପିସିଏଲ ଅପରେସନ୍ ନିର୍ଦ୍ଦେଶକ ଶ୍ରୀ ଆଶିଷ କୁମାର ମହାନ୍ତି, ଜଳ ପ୍ରବନ୍ଧନ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଦେବଜିତ ରାଭା, ଏବଂ ଆରଏସପି ତଥା ଓଏଚପିସିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଜିଏସପିସିଏଲ ହେଉଛି ସେଲ ରାଉରକେଲା ଇସ୍ପାତ କାରଖାନା ଏବଂ ଓଡିଶା ହାଇଡ୍ରୋ ପାୱାର୍ କର୍ପୋରେସନ୍ ର ସଂପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ଜିଇଡ଼ିସିଓଏଲ (ଗ୍ରୀନ୍ ଏନର୍ଜି ଡେଭଲପମେଂଟ କର୍ପୋରେସନ୍ ଅଫ୍ ଓଡିଶା) ର ଏକ ଯୌଥ ଉଦ୍ୟମ । ଏହି ଯୌଥ ଉଦ୍ୟମ ପାଇଁ ୨୦୧୮ ଫେବୃଆରୀ ୧୮ ତାରିଖରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଏହି କମ୍ପାନୀ "ମନ୍ଦିରା ପାୱାର୍ କର୍ପୋରେସନ୍ ଲିମିଟେଡ୍" ଭାବରେ ନାମିତ ହୋଇଥିଲା । ଏହି ମିଳିତ ଉଦ୍ୟମରେ ଆରଏସପିର ନିଜସ୍ୱ ଜଳଭଣ୍ଡାର ମାଣ୍ଡିରା ଡ୍ୟାମ୍ ଜଳଭଣ୍ଡାରରେ ୧୧୦ କୋଟି ଟଙ୍କା ବ୍ୟୟରେ ତିନୋଟି ଟର୍ବାଇନ (ପ୍ରତ୍ୟେକ କ୍ଷମତା ୩.୩ ମେଗାୱାଟ ବିଶିଷ୍ଟ) ୧୦ ମେଗାୱାଟର ଏକ କ୍ଷୁଦ୍ର ହାଇଡ୍ରୋ ଇଲେକ୍ଟ୍ରିକ୍ ପାୱାର୍ (ଏସଏଚଇପି) ପ୍ରକଳ୍ପ ସ୍ଥାପିତ ଓ ଅପରେଟ ହେବ । ଏହି ପାୱାର ପ୍ଲାଂଟ ଆରଏସପି ଦ୍ୱାରା ଡାଉନଷ୍ଟ୍ରିମ ବ୍ୟବହାର ପାଇଁ ମନ୍ଦିରା ଡ୍ୟାମରୁ ନିର୍ଗତ ଜଳର ଶକ୍ତି ସମ୍ଭାବନାକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରିବ । ଏକ ଡ୍ୟାମ୍ ପୂର୍ବରୁ ଥିବାରୁ ପାୱାର୍ ପ୍ଲାଂଟକୁ ତୁଳନାତ୍ମକ କମ୍ ମୂଲ୍ୟରେ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ସ୍ଥାପନ କରାଯାଇପାରିବ । ପ୍ରସ୍ତାବିତ ପ୍ରକଳ୍ପରେ ଉତ୍ପାଦିତ ସମସ୍ତ ଶକ୍ତି ଆରଏସପି ଉପଯୋଗ କରିବ ଏବଂ ଉନ୍ମୁକ୍ତ ଉପଯୋଗ ପ୍ରଣାଳୀ ମାଧ୍ୟମରେ ସେଲର ଅନ୍ୟ ଯେକୌଣସି ୟୁନିଟରେ ବ୍ୟବହାର କରାଯାଇପାରିବ । ବିଦ୍ୟୁତର ସୁଲଭ ଉପଲବ୍ଧତା ସମେତ ଏହି ପ୍ରକଳ୍ପ ଉତ୍ପାଦିତ ଶକ୍ତିକୁ ଅକ୍ଷୟ ଶକ୍ତି ଭାବରେ ବିବେଚନା ହୋଇପାରିବ ଏବଂ ଆରଏସପିକୁ ଏହାର ଆରପିଓରେ ଉନ୍ନତି ଆଣିବାରେ ସହାୟତା କରିବ ।